## ସଂକ୍ଷେପରେ



### ବର୍ଷାରେ ୨ ଘର ଭାଙ୍ଗିଲା

**ଏମ୍‌ଭି ୭୯,୧।୧୧(ଡି.ଏନ.ଏ.):** ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଲୁଗେଲ ପଞ୍ଚାୟତର ଏମ୍‌ପିଭି ୫୩ ଗ୍ରାମରେ ଗୁରୁବାର ପ୍ରବଳ ବର୍ଷା ସହ ପବନ ହୋଇଛି। ଫଳରେ ଗ୍ରାମର ସୁନୀଲ ରାୟ ଘର ଉପରେ ଗଛ ପଡି ଘରଟି ଭାଙ୍ଗିଯାଇଛି। ସେହିପରି ଗ୍ରାମର ବିଧାନ ମଣ୍ଡଳଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ଗ୍ରାମରେ ପ୍ରାୟ ଗଛ ପଡି ରାସ୍ତା ଅବରୋଧ ହୋଇଥିବା ଦେଖିବାକୁ ମିଳିଛି। ବର୍ଷା ଯୋଗୁ ଚାଷ ଜମି କ୍ଷତି ହୋଇଛି। କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ପ୍ରଶାସନ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ନାଳରେ ଭାସିଯାଇ ଜଣେ ମୃତ

**ମାଲକାନଗିରି,୧।୧୧ ୧ (ସ୍ୱ.ପ୍ର.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ରାଲେଗାଡ଼ା ପଞ୍ଚାୟତ ସାରୁକବନ୍ଧ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଗୁରୁ ପାର୍ଙ୍ଗି ସାରୁକବନ୍ଧ ନାଳରେ ଭାସିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ଗୁରୁ ନିକଟସ୍ଥ ଟେକପଦର ଗ୍ରାମକୁ ଯିବା ପାଇଁ ନାଳ ପାର ହେଉଥିଲେ। ଏହି ସମୟରେ ନାଳର ଜଳସ୍ରୋତରେ ଭାସିଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଘଟଣା ସ୍ଥଳରେ ଚିତ୍ରକୋଣ୍ଡା ପୋଲିସ ପହଞ୍ଚି ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗୁରୁ ପରିବାରର ଜଣେ ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ପରିବାରର ୫ ଜଣ ସଦସ୍ୟ ତାଙ୍କ ଉପରେ ନିର୍ଭର କରୁଥିଲେ। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଭୋଜି ଖାଇ ଜଳ ବିଦ୍ୟୁତ କେନ୍ଦ୍ରର ୬ କର୍ମଚାରୀ ଅସୁସ୍ଥ

**ମାଲକାନଗିରି,୧।୧୧ (ଡି.ଏନ୍.ଏ.):** ମାଲକାନଗିରି ଜିଲା ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ରର ଅଧିକାରୀ ଏବଂ କର୍ମଚାରୀମାନେ ଶୁକ୍ରବାର ଚିତ୍ରକୋଣ୍ଡାର ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀଠାରେ ଏକ ଭୋଜିର ଆୟୋଜନ କରିଥିଲେ। ଭୋଜି ଖାଇସାରିଲା ପରେ ୬ ଜଣ ଅଧିକାରୀ ଓ କର୍ମଚାରୀ ଗୁରୁତର ଅସୁସ୍ଥ ହୋଇ ପଡିଥିଲେ। ସେମାନଙ୍କୁ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରା ଯାଇଛି। ତେବେ ଭୋଜିରେ କୌଣସି ନିଶା ଦ୍ରବ୍ୟ ଖାଇଥିବାରୁ ଏପରି ହୋଇଥିବା ଜଣାପଡିଛି। ତେବେ ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସୁଧୁରିଛି। ଏସମ୍ପର୍କରେ କୌଣସି ଅଧିକାରୀ କିମ୍ବା କର୍ମଚାରୀ ମୁହଁ ଖୋଲୁ ନ ଥିବାରୁ ଘଟଣା ସମ୍ପର୍କରେ ପ୍ରକୃତ ତଥ୍ୟ ମିଳିପାରିନାହିଁ।

### ପ୍ରସୂତି ସମୟରେ ରକ୍ତସ୍ରାବ ଯୋଗୁ ମହିଳାଙ୍କ ମୃତ୍ୟୁ

**ପଡିଆ, ୧।୧୧(ଡି.ଏନ୍.ଏ.):** ଗୁରୁବାର କାଳଦାପାଲି ପଞ୍ଚାୟତ ସୁପୁଲୁର ଗ୍ରାମର ଇର୍ମା ମାଡକାମିଙ୍କ ସ୍ତ୍ରୀ ମୁନି ମାଡକାମି (୨୮) ଗର୍ଭ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ମାଲକାନଗିରି ଜିଲା ପଡିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତରଖାନାରେ ତାଙ୍କର ତୃତୀୟ ସନ୍ତାନ ଜନ୍ମ ହୋଇଥିଲା। ମାତ୍ର ପ୍ରସବ ପରେ ମୁନିଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇପଡିଲା। ତାଙ୍କ ଶରୀରରୁ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ତୁରନ୍ତ ଡାକ୍ତରଖାନା କର୍ତ୍ତୃପକ୍ଷ ଶୁକ୍ରବାର ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ତେବେ ମାଲକାନଗିରି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୁନି ଜଣେ ଅଙ୍ଗନୱାଡି କର୍ମୀ, ତାଙ୍କ ସ୍ୱାମୀ ଜଣେ ଶିକ୍ଷକ ବୋଲି ଜଣାପଡିଛି।

### ଟ୍ରକ୍ ଧକ୍କାରେ ଜଣେ ମୃତ

**ପଡିଆ,୧।୧୧(ଡି.ଏନ.ଏ.):** ପଡିଆ ଥାନା ଅଧୀନ ବାପନପାଲି ପଞ୍ଚାୟତ ଏମ୍‌ଭି-୫୮ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ଟ୍ରକ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସମ୍ପୃକ୍ତ ବ୍ୟକ୍ତି ଜଣକ କାଲିମେଲାରୁ କାମ ସାରି ପଡିଆ ଅଭିମୁଖେ ଆସୁଥିଲେ। ଏମ୍‌ଭି-୫୮ ଗ୍ରାମ ନିକଟରେ ବିପରୀତ ପାର୍ଶ୍ୱରୁ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ପରିଚୟ ମିଳିନାହିଁ। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

# ମାଲକାନଗିରିରେ ୧୫ରୁ ମଣ୍ଡି

**ମାଲକାନଗିରି,୧।୧୧ (ଡି.ଏନ୍.ଏ.)**

## ପ୍ରଥମ ପର୍ଯ୍ୟାୟରେ ୮ଲକ୍ଷ କୁଇଣ୍ଟାଲ ଧାନ

- ଦଲାଲ, ଟୋକନ ବିତରକଙ୍କ ଉପରେ ରହିବ ନଜର
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଣ୍ଡି ଦାୟିତ୍ୱ
- କୁଇଣ୍ଟାଲ ପ୍ରତି ଧାର୍ଯ୍ୟ ହୋଇଛି ୧୮୫୦
- ଧାନ ବିକିବାର ୩ ଦିନ ମଧ୍ୟରେ ମିଳିବ ଟଙ୍କା



ଧାନମଣ୍ଡି ନେଇ ପ୍ରଶାସନ ପକ୍ଷରୁ ବସିଥିବା ବୈଠକ।

ମାଲକାନଗିରି ଜିଲାରେ ଚାଷୀମାନଙ୍କ ଖରିଫ ଧାନ ଖରିଦ କରିବା ଲାଗି ଆସନ୍ତା ନଭେମ୍ବର ୧୫ରୁ ମଣ୍ଡି ଖୋଲାଯିବ । ଡିଆରଡିଏ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଉପଜିଲାପାଳ ତଥା ଭାରପ୍ରାପ୍ତ ଜିଲା ଯୋଗାଣ ଅଧିକାରୀ ରାମେଶ୍ୱର ପ୍ରଧାନ, ଜିଲାର ୨୨ଟି ଧାନ ମିଲ୍ ମାଲିକ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ, ଜିଲାର ୮ଟି ଲ୍ୟାମ୍ପର ପରିଚାଳକ, ଯୋଗାଣ ବିଭାଗର ସମସ୍ତ ଅଧିକାରୀ, କୃଷି ବିଭାଗ ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନେ ବୈଠକରେ ଉପସ୍ଥିତ ଥିଲେ। ବିଗତ ବର୍ଷ ୧୧ ଲକ୍ଷ ୫୦୦ କୁଇଣ୍ଟାଲ ଧାନ ଖରିଦ କରାଯାଇଥିବା ବେଳେ ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୮ ଲକ୍ଷ କୁଇଣ୍ଟାଲ ଧାନ ଖରିଦ ପାଇଁ ସରକାର ଧାର୍ଯ୍ୟ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଦ୍ୱିତୀୟ ପର୍ଯ୍ୟାୟ ଧାନ ଖରିଦ କରାଯାଇ ଧାର୍ଯ୍ୟଲକ୍ଷ୍ୟ ପୂରଣ କରାଯିବ । ତେବେ ଅଧିକ ଧାନ ମଣ୍ଡିକୁ ଆସିଲେ ସମସ୍ତ ଚାଷୀଙ୍କ ଧାନ ଯେପରି କ୍ରୟ କରାଯିବ । କୌଣସି ଚାଷୀ ଧାନ ଯେପରି ବାହାର ରାଜ୍ୟକୁ ବିକ୍ରି ନ କରନ୍ତି ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବ। ଜିଲାରେ ୭ଟି ବ୍ଲକରେ ଥିବା ୬୨ଟି ମଣ୍ଡିରୁ ଚଳିତବର୍ଷ ମାଲକାନଗିରି ବ୍ଲକ ଚଲାଣଗୁଡା ମଣ୍ଡିକୁ ଏମ୍.ଭି. ୪୫ସ୍ଥିତ ଲକ୍ଷ୍ମୀଦେବୀ ମହିଳା ମଣ୍ଡଳକୁ ଧାନ ଖରିଦ ପାଇଁ ଅନୁମତି ପ୍ରଦାନ କରାଯାଇଛି। ଚଳିତବର୍ଷ କୌଣସି ଦଲାଲ କିମ୍ବା ବେପାରୀ ମଣ୍ଡିରେ ସବୁ ସମୟରେ ରହିବା କିମ୍ବା ମଣ୍ଡି ବାହାରେ ବୁଲାବୁଲି କରୁଥିବା ଜଣାପଡିଲେ ସେମାନଙ୍କୁ ଚିହ୍ନଟ ପାଇଁ ଏକ ସ୍କ୍ୱାଡ ଗଠନ କରାଯାଇଛି। ଯଦି ଏପରି କୌଣସି ବ୍ୟକ୍ତି ଧରାପଡନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ଜିଲାପାଳ ଅଗ୍ରୱାଲ କହିଥିଲେ। ଜିଲା ବାହାରକୁ କୌଣସି ଧାନ ବିକ୍ରି ପାଇଁ ନିଆଯାଇପାରିବ ନାହିଁ। ଶେଷ ପର୍ଯ୍ୟନ୍ତ ଚାଷୀଙ୍କ ଧାନ ଖରିଦ କରାଯିବ। ବିକ୍ରିର ୩ଦିନ ମଧ୍ୟରେ ଚାଷୀ ତାଙ୍କର ପ୍ରାପ୍ୟ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପାଇବେ । ଲ୍ୟାମ୍ପ ଚାଷୀଙ୍କୁ ଦେଇଥିବା ଟୋକନରେ ଯେପରି ପାତରଅନ୍ତର କିମ୍ବା ବେପାରୀ ମାଧ୍ୟମରେ ଟୋକନ ନ ଦେବେ ସେଥିପ୍ରତି ସେମାନଙ୍କ ଉପରେ କଡା ନଜର ରଖାଯିବ। ଧାନ କୁଇଣ୍ଟାଲ ପ୍ରତି ୧୮୫୦ ଟଙ୍କା ଧାର୍ଯ୍ୟ ହୋଇଛି। ଯେଉଁ ମିଲରମାନଙ୍କୁ ଧାନ ନେବା ପାଇଁ କୁହାଯାଇଛି ସେମାନେ ମଣ୍ଡିରୁ ଧାନ ଖରିଦର ୪୮ ଘଣ୍ଟା ମଧ୍ୟରେ ଧାନ ଉଠାଇବେ । ଚାଷୀମାନଙ୍କ ମଣ୍ଡିରେ ଧାନ ବିକ୍ରି ପାଇଁ ଯେପରି କୌଣସି ଅସୁବିଧା ନ ହେବ ସେଥିପାଇଁ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ପ୍ରତି ମଣ୍ଡିରେ ବିଶ୍ରାମାଗାର, ପାନୀୟଜଳ, ପ୍ରାକୃତିକ ବିପର୍ଯ୍ୟୟରୁ ଚାଷୀଙ୍କ ଧାନ ସୁରକ୍ଷିତ ରହିବା ପାଇଁ ବ୍ୟବସ୍ଥା ହୋଇଥିବା ବୈଠକରେ କୁହାଯାଇଥିଲା।

# ସ୍ୱାଭିମାନ ଅଞ୍ଚଳର ପ୍ରସୂତିଙ୍କୁ ଅସ୍ତ୍ରୋପଚାର ପାଇଁ ଯିବାକୁ ପଡିବନି ମାଲକାନଗିରି

**ଚିତ୍ରକୋଣ୍ଡା, ୧।୧୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ଆବଶ୍ୟକ ସମୟରେ ପ୍ରସୂତିଙ୍କୁ ଅସ୍ତ୍ରୋପଚାର ପାଇଁ ଆଉ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡିବନାହିଁ। ଶୁକ୍ରବାର ଚିତ୍ରକୋଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଥମ ଥର ପାଇଁ ଜଣେ ପ୍ରସୂତିଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଛି। ମହିଳା ଜଣକ ଗୁରୁବାର ଗର୍ଭ ଯନ୍ତ୍ରଣା ହେବାରୁ ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ତାଙ୍କର ପ୍ରସବରେ ଅସୁବିଧା ଥିବାରୁ ଡାକ୍ତର ଦୀପକ କୁମାର ନାୟକ ଅସ୍ତ୍ରୋପଚାର କରି ସୁରକ୍ଷିତ ଭାବେ ଶିଶୁପୁତ୍ର ଜନ୍ମ କରାଇଥିଲେ। ତେବେ ପରବର୍ତ୍ତୀ ସମୟରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ନେଇ ତାକୁ ମାଲକାନଗିରି ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗୀୟ ଡାକ୍ତର ଥିଲେ ମଧ୍ୟ ଅସ୍ତ୍ରୋପ୍ରଚାର ପାଇଁ ଆବଶ୍ୟକୀୟ ଉପକରଣ ନ ଥିଲା। ଫଳରେ ଗତ ୪ମାସ ଧରି ଏଠାରେ ପ୍ରସୂତିଙ୍କ ଅସ୍ତ୍ରୋପଚାର ହୋଇପାରୁ ନ ଥିଲା। ଏଥିପାଇଁ ଲୋକେ ମାଲକାନଗିରି ଯାଇ ଖର୍ଚ୍ଚାନ୍ତ ହେଉଥିଲେ।

# ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଖଇରପୁଟ, ୧।୧୧ (ଡି.ଏନ୍.ଏ.)**

ଖଇରପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ ଅଷ୍ଟମ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମଶାଲ ପ୍ରଜ୍ୱଳନ ସହ କ୍ରୀଡ଼ା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ରୂପେ ସାମାଜିକ କର୍ମୀ ଟଙ୍କାଧର ହନ୍ତାଳ, ମହେଶ୍ୱର ବାକା, ବ୍ଲକ ଶିକ୍ଷା ଅଧିକାରୀ ଶଶିଭୂଷଣ ମିଶ୍ର, ଆବାହକ ବଂଶୀଧର କର, ଜିଲା କ୍ରୀଡ଼ା ଶିକ୍ଷା ପରିଦର୍ଶକ ରତିକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ୨ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼କୁଦ, ଲମ୍ଫଡିଆଁ, ଫୁଟବଲ, ହ୍ୟାଣ୍ଡବଲ ଡିସ୍‌କସ ଥ୍ରୋ, ଶଟ୍‌ପୁଟ୍ ଭଳି ୫୮ଟି ବିଭାଗରେ ପ୍ରତିଯୋଗିତା ହେବ। ପ୍ରତିଯୋଗିତା ଗୁଡିକୁ କ୍ରୀଡ଼ାଶିକ୍ଷକ ସନାତନ ପ୍ରଧାନ, ଅକ୍ଷୟ କୁମାର ଦାଶ, ନିରଞ୍ଜନ ବେହେରା ପ୍ରମୁଖ ପରିଚାଳନା କରୁଛନ୍ତି।

# କୃଷି ଦକ୍ଷତା ବୃଦ୍ଧି କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

**ମାଲକାନଗିରି,୧।୧୧ (ଡି.ଏନ୍.ଏ.)**

କୃଷି ଓ କୃଷକ ସଶକ୍ତୀକରଣ ପକ୍ଷରୁ କୃଷି ଓ କୃଷକଙ୍କ ଦକ୍ଷତା ବୃଦ୍ଧି ନେଇ ଏକ କର୍ମଶାଳା ଶୁକ୍ରବାର ସଦର ମହକୁମା କୃଷି ବିଜ୍ଞାନକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କୃଷି ଉପ ନିର୍ଦ୍ଦେଶକ ରାମଚନ୍ଦ୍ର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। କାଲିମେଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ବେହେରା, ଇକ୍ରିସାଟର ବୈଜ୍ଞାନିକ ଡ. କେ.ଏଚ୍. ଅନନ୍ତ, କୃଷି ବିଜ୍ଞାନକେନ୍ଦ୍ରର ବୈଜ୍ଞାନିକ ଡ. ଅନୁଜ କୁମାର ରାୟ ଯୋଗ ଦେଇ ଉପସ୍ଥିତ କୃଷକ, କୃଷି କର୍ମଚାରୀଙ୍କୁ କୃଷି ଏବଂ କୃଷକ ଦକ୍ଷତା ବୃଦ୍ଧି ସମ୍ପର୍କରେ କେଉଁ ପ୍ରଣାଳୀ ଅବଲମ୍ବନ କରାଯିବ ସେ ନେଇ ବକ୍ତବ୍ୟ ରଖିଥିଲେ। ମାଲକାନଗିରି ଜିଲାରେ କୃଷିର ଉପଯୋଗିତାରେ କିପରି ଅଭିବୃଦ୍ଧି ଘଟିବ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ସଂରକ୍ଷଣ, ଫସଲ ଉତ୍ପାଦନ ବୃଦ୍ଧି, ରାସାୟନିକ ସାର କମ୍ ପରିମାଣରେ ବ୍ୟବହାର, ଜୈବିକ ଖତ ଉତ୍ପାଦନ ଓ ବ୍ୟବହାର, କୀଟନାଶକ ପ୍ରୟୋଗ ନେଇ କର୍ମଶାଳାରେ ଆଲୋଚନା ହୋଇଥିଲା । ରସାୟନବିତ୍ ସୌମ୍ୟରଞ୍ଜନ ପାତ୍ର ଠିକ ସାର ପ୍ରୟୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଖଇରପୁଟ ବ୍ଲକ କୃଷି ଅଧିକାରୀ କିଶୋର ଚନ୍ଦ୍ର ଦ୍ୱିବେଦୀ ଫସଲରେ ସମନ୍ୱିତ ରୋଗ ପୋକ ପରିଚାଳନା ଉପରେ ଆଲୋକପାତ କରିଥିଲେ। ପଡିଆ ବ୍ଲକ କୃଷି ଅଧିକାରୀ ରଶ୍ମିରଞ୍ଜନ ମହାରଣା ଉନ୍ନତ ଧରଣର କୃଷି ପ୍ରଣାଳୀ ଏବଂ ଉତ୍ତମ ବିହନ କିସମ ନେଇ ତଥ୍ୟ ପ୍ରଦାନ କରି ଏଥିପାଇଁ ଚାଷୀଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ସାଇଣ୍ଟିଫିକ୍ ଅଧିକାରୀ ସୁଶ୍ରୀ ଦେବଶ୍ରୀ ସରକାର ଧନ୍ୟବାଦ ଦେଇଥିଲେ।

# ଡାକବଙ୍ଗଳା ଉଦ୍‌ଘାଟିତ

**ଚିତ୍ରକୋଣ୍ଡା,୧।୧୧(ଡି.ଏନ.ଏ.)**

ଚିତ୍ରକୋଣ୍ଡାର ପର୍ଯ୍ୟଟନସ୍ଥଳୀ ୟୁକୋ ପାର୍କଠାରେ ନବନିର୍ମିତ ଡାକବଙ୍ଗଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଡିଏଫଓ ପ୍ରଦୀପ ଦେବୀଦାସ ମୀରାସେ, ଏସିଏଫ୍ ଶ୍ରୀକାନ୍ତ ନାଏକ, ଚିତ୍ରକୋଣ୍ଡା ପୂର୍ବତନ ବନାଞ୍ଚଳ ଅଧିକାରୀ ଏନ୍‌ସି ସରକାର, ବନାଞ୍ଚଳ ଅଧିକାରୀ ବଳରାମ ନାୟକ, ବନପାଳ ମୃତ୍ୟୁଞ୍ଜୟ ସେଠୀ, ତହସିଲଦାର ଟି. ପଦ୍ମନାଭ ଦୋରା, ବିଡିଓ ଲରିମନ ଖରସେଲ ଉପସ୍ଥିତ ଥିଲେ। ବନ ବିଭାଗ ଦ୍ୱାରା ପରିଚାଳିତ ଏହି ୟୁକୋ ପାର୍କଟି ସୌନ୍ଦର୍ଯ୍ୟରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଏଠାରେ କିମ୍ବଦନ୍ତୀ ସମ୍ବଳିତ ଆଦିବାସୀ ପରମ୍ପରାର ଅବିକଳ ବଣ୍ଡା ମୂର୍ତ୍ତି, ଆଦିମ ଜନଜାତିଙ୍କ ନିର୍ମିତ ମୂର୍ତ୍ତି ରହିଛି। ବୋଟିଂ ଏବଂ ବଣଭୋଜି ପାଇଁ ଏହା ଏକ ଉତ୍କୃଷ୍ଟ ସ୍ଥାନ। ପଡୋଶୀ ଜିଲା ଏବଂ ପଡୋଶୀ ରାଜ୍ୟ ଆନ୍ଧ୍ର ଓ ଛତିଶଗଡରୁ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ୟୁକୋ ପାର୍କକୁ ଆହୁରି ସୌନ୍ଦର୍ଯ୍ୟମୟ କରିବା, ବିଭିନ୍ନ ପ୍ରଜାତିର ପକ୍ଷୀ ରଖିବା, ଏଠାରେ ଥିବା କୁମ୍ଭୀରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

■ ବିଭିନ୍ନ ପୂଜା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ

# ଅଶ୍ଳୀଳ ନୃତ୍ୟ, ଗୀତକୁ ପ୍ରଶ୍ରୟ ନ ମିଳୁ

**ଏମ୍‌ଭି ୭୯,୧।୧୧(ଡି.ଏନ.ଏ.)**

ପାର୍ବଣ ଋତୁ ଆସିଲେ ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନ ଉତ୍ସବମୁଖର ହୋଇ ଉଠେ। ଗଣେଶ ପୂଜାଠାରୁ ଆରମ୍ଭ କରି କାଳୀପୂଜା ଯାଏ ସବୁଠି ଧୁମ୍‌ଧାମରେ ଚାଲେ ମହୋତ୍ସବ। ଏବାବଦରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୁଏ । ମୂର୍ତ୍ତି ତିଆରିରୁ ଆରମ୍ଭ କରି ବିସର୍ଜନ ପର୍ଯ୍ୟନ୍ତ ସବୁ କିଛି ଆକର୍ଷଣୀୟ କରିବା ପାଇଁ ପୂଜା କମିଟିଗୁଡିକ ଗୁରୁତ୍ୱ ଦିଅନ୍ତି। ଏହି ଉତ୍ସବମାନଙ୍କରେ ମନୋରଞ୍ଜନ ପାଇଁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ଭକ୍ତି ସଙ୍ଗୀତ ଶୁଣିବାଠାରୁ ଆରମ୍ଭ କରି ଅଶ୍ଳୀଳ ନୃତ୍ୟ ପର୍ଯ୍ୟନ୍ତ ସବୁ ଦେଖିବାକୁ ମିଳେ ପୂଜା ପେଣ୍ଡାଲରେ। ସାଂସ୍କୃତିକ ଦଳ ଆଧୁନିକତା ନାଁରେ ଅଶ୍ଳୀଳ ନୃତ୍ୟକୁ ପ୍ରଶ୍ରୟ ଦେଇଥାନ୍ତି। ନୃତ୍ୟ ପରିବେଷଣ କରୁଥିବା କଳାକାରମାନେ ଦ୍ୱିଅର୍ଥବୋଧକ ସଙ୍ଗୀତ ଗାନ କରିବା ସହ ସେମାନଙ୍କ ପୋଷାକରେ ମଧ୍ୟ ଶାଳୀନତା ନ ଥାଏ। ଏପରି ନୃତ୍ୟକୁ କେତେକ ବୁଦ୍ଧିଜୀବୀ ନାପସନ୍ଦ କରୁଥିଲେ ମଧ୍ୟ ବିରୋଧ କରିବା ଲାଗି ସାହସ ଜୁଟାଇ ପାରୁନାହାନ୍ତି। ନିକଟରେ କାଲିମେଲା ବ୍ଲକର ଆଖାପାଖ ବିଭିନ୍ନ ସ୍ଥାନରେ କାଳୀପୂଜା ଶେଷ ହୋଇଛି। ପୂଜା କେବଳ ନାମକୁ ମାତ୍ର ଚାଲୁଥିବା ବେଳେ ମନୋରଞ୍ଜନ ପାଇଁ ଅଶ୍ଳୀଳ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଜୋରଦାର୍ ଚାଲିଥିଲା। ଏଭଳି ଅପସଂସ୍କୃତିକୁ ରୋକିବା ଲାଗି ପୂଜା କମିଟି ଓ ସ୍ଥାନୀୟ ପୋଲିସ ସଚେତନ ହେଲେ ଅଶ୍ଳୀଳ ନୃତ୍ୟ, ସଙ୍ଗୀତର ଧାରା ଆପେ ମରିଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ୯ ପଞ୍ଚାୟତରେ ସରିଲା ସାମାଜିକ ସମୀକ୍ଷା

**ଚିତ୍ରକୋଣ୍ଡା,୧।୧୧(ଡି.ଏନ.ଏ.)**

ସ୍ୱାଭିମାନ ଅଞ୍ଚଳର ରାଲେଗାଡ଼ା, ଧୂଳିପୁଟ, ଗାଜୁଲୁମାମୁଡି, ଯନ୍ତ୍ରୀ, ଅଣ୍ଡିରାପାଲି, ପଣଷପୁଟ ଓ ଯୋଡ଼ାମ୍ବ ଗ୍ରାମରେ ସାମାଜିକ ସମୀକ୍ଷା ଗ୍ରାମସଭା ମାଧ୍ୟମରେ ଶେଷ ହୋଇଛି। ଚିତ୍ରକୋଣ୍ଡା, ଦୋରାଗୁଡା, ନୂଆଗୁଡା, ଗୁଣ୍ଡାୱାର୍ଡା, କପାତୁଟି, କୁରୁମାନୁର, ପାପୁଲୁର, ପାପରମେଟଲା ଓ ଟନେଲକ୍ୟାମ୍ପ ପଞ୍ଚାୟତର ଉପରୋକ୍ତ ଗ୍ରାମଗୁଡିକରେ ଏହି କାର୍ଯ୍ୟକ୍ରମ ହୋଇଛି। ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଏକ ଜିଲାସ୍ତରୀୟ ସାମାଜିକ ସମୀକ୍ଷକ ଦଳ ପହଞ୍ଚି ଏଠାରେ ୭ଦିନ ରହି ସମୀକ୍ଷା କରିଥିବା ଜଣାପଡିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା ଯୋଜନାର ସାମାଜିକ ସମୀକ୍ଷା ହୋଇଥିଲା। ଜିଲା ସାମାଜିକ ସମୀକ୍ଷକ ସୁବ୍ରତ କୁମାର ସାମଲଙ୍କ ନେତୃତ୍ୱରେ ହୋଇଥିବା ସମୀକ୍ଷାରେ ବ୍ଲକ ସାମାଜିକ ସମୀକ୍ଷକ ସଂଗ୍ରାମ କେଶରୀ ମାହାଲିକ, ବେଲାଳସେନ ଗୁଣ୍ଟା, ରାକେଶ ଦାସ, ଟି. ମୁରଲିକ୍ରିଷ୍ଣା, ଚନ୍ଦ୍ରକାନ୍ତ ପଣ୍ଡା, ସୁଜାତା ବିଶ୍ୱାସ ଓ ଅଜିତ ସଗରିଆ ପ୍ରତେକ ପଞ୍ଚାୟତକୁ ଯାଇ ସମୀକ୍ଷା କରିଥିଲେ।

■ ବାଲିମେଳା ଏନ୍‌ଏସି ପକ୍ଷରୁ ପଲିଥିନ ଚଢ଼ାଉ

# ପଲିଥିନ ଜବତ: ୪୩ ହଜାର ଜରିମାନା ଆଦାୟ

**କୋରକୋଣ୍ଡା, ୧।୧୧(ଡି.ଏନ୍.ଏ.)**



ଏକ ଦୋକାନ ଉପରେ ଚଢ଼ାଉ କରି ପଲିଥିନ ଜବତ କରାଯାଇଛି।

ମାଲକାନଗିରି ଜିଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ପକ୍ଷରୁ ଶୁକ୍ରବାର ସହରର ବିଭିନ୍ନ ଦୋକାନ ଉପରେ ଚଢ଼ାଉ କରାଯାଇ ବହୁ ପରିମାଣରେ ପଲିଥିନ ଜବତ କରାଯାଇଛି। ଏଥିସହ ବ୍ୟବସାୟୀମାନଙ୍କଠାରୁ ୪୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥଙ୍କ ନେତୃତ୍ୱରେ ସହରର କାଳିଛକ ଓ ଦୈନିକ ବଜାରରେ ଥିବା ବିଭିନ୍ନ ଦୋକାନ ଓ ହୋଟେଲଗୁଡିକ ଉପରେ ଚଢ଼ାଉ କରାଯାଇଥିଲା । ବାରମ୍ବାର ପଲିଥିନ ବ୍ୟବହାର ନ କରିବାକୁ ଏନ୍‌ଏସି ପକ୍ଷରୁ ସଚେତନ କରାଯାଉଥିଲେ ମଧ୍ୟ ବ୍ୟବସାୟୀମାନେ ଏହାକୁ ମାନୁ ନାହାନ୍ତି। ଚଢାଉ ପରେ ନିର୍ବାହୀ ଅଧିକାରୀ ରଥ ବ୍ୟବସାୟୀଙ୍କୁ ପଲିଥିନ ଆଉ ବ୍ୟବହାର ନ କରିବାକୁ ତାଗିଦ୍ କରିଥିଲେ । ଏହି ଚଢ଼ାଉରେ ଏନ୍‌ଏସି କର୍ମଚାରୀ ପ୍ରଦୀପ କୁମାର ମାହାଳି, ବେଣୁ ଘଡାଇ, ପ୍ରତାପ ପଣ୍ଡା, ଧନିଆ ପଟନିଅ, ରମେଶ ଧଳଙ୍କ ବିଜୁ ଯୁବ ବାହିନୀର ସଦସ୍ୟାସଦସ୍ୟମାନେ ସାମିଲ ହୋଇଥିଲେ।



## ୬୮ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ ବାର୍ତ୍ତା

No.DSPL-138 :- ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଆବହମାନ କାଳରୁ କୃଷି ସହିତ ଗୋ-ସମ୍ପଦର ସହାବସ୍ଥାନ ରହିଆସିଛି। କୃଷିଜୀବିଙ୍କ ଆୟବୃଦ୍ଧି ଓ ଜୀବିକାନିର୍ବାହରେ ଗୋ-ପାଳନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଗୋ-ସମ୍ପଦର ସୁରକ୍ଷା ସହିତ ସେମାନଙ୍କ ପାଇଁ ସୁଷମ ଖାଦ୍ୟ, ଉପଯୁକ୍ତ ଲାଳନପାଳନ, ଉଚିତ ସମୟରେ ପ୍ରଜନନ ଓ ରୋଗ ନିରାକରଣର ବ୍ୟବସ୍ଥା କଲେ ଗୋ-ସମ୍ପଦର ବିକାଶ ସାଧିତ ହୋଇପାରିବ ଏବଂ କୃଷକମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଘଟିବ । ଆମ ରାଜ୍ୟରେ ୬୮ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଅକ୍ଟୋବର ୨୯ତାରିଖଠାରୁ ନଭେମ୍ବର ୪ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି। ଏହା ଗିରିଗୋବର୍ଦ୍ଧନ ପୂଜାଠାରୁ ଗୋପାଷ୍ଟମୀ ପର୍ଯ୍ୟନ୍ତ ଦୀର୍ଘ ସାତ ଦିନ ବ୍ୟାପି ପାଳିତ ହେବ। ଏହି ଅବସରରେ ପ୍ରତି ଜିଲ୍ଲାରେ ଗୋ-ଚିକିତ୍ସା ଶିବିର, ଗୋ-ବତ୍ସା ପ୍ରଦର୍ଶନୀ, ଗୋ-ସମ୍ବର୍ଦ୍ଧନା ସମାବେଶ, କୃଷକ ସଚେତନତା ଶିବିର ଆଦି କାର୍ଯ୍ୟକ୍ରମ ଆୟୋଜିତ ହେବା ସାଙ୍ଗକୁ ରାଜ୍ୟସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ ଜଗତ୍‌ସିଂହପୁରଠାରେ ନଭେମ୍ବର ୪ ତାରିଖରେ ଆୟୋଜିତ ହେବ। ଏ ସବୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସରକାରୀ ସୁବିଧାସୁଯୋଗର ସୁବିନିଯୋଗ କରିବାକୁ ରାଜ୍ୟର ସମସ୍ତ ଗୋ-ପାଳକ ଭାଇଭଉଣୀମାନଙ୍କୁ ଅନୁରୋଧ।

ଏହି ପବିତ୍ର ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ ଚାଷୀ, ଗୋପାଳକ ଭାଇଭଉଣୀ ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରି ଗୋ-ସମ୍ପଦର ସମୃଦ୍ଧି ଆଶା କରୁଛି।

**ସ୍ୱା./- ଡ଼. ଅରୁଣ କୁମାର ସାହୁ**
**ମନ୍ତ୍ରୀ**
**କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଉଚ୍ଚଶିକ୍ଷା, ଓଡ଼ିଶା**

**06014/13/0009/1920**



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ।
-ବିନୋବା ଭାବେ



## ସଂକ୍ଷେପରେ

### ବିଧାୟକଙ୍କ ଚେତାବନୀ କିନ୍ନରଙ୍କୁ ନିଯୁକ୍ତି ନ ଦେଲେ ଧାରଣା

ଜୟପୁର,୧।୧୧(ଡି.ଏନ୍.ଏ.): କୋରାପୁଟ ଜିଲା ପ୍ରଶାସନ ସ୍ଥାନୀୟ କିନ୍ନରଙ୍କୁ ଥଇଥାନ କରିବା ପାଇଁ ନିଯୁକ୍ତି ଦେଇଥିଲା। କିନ୍ତୁ ୨ ବର୍ଷର ଚାକିରି ପରେ ସେମାନଙ୍କୁ ବିଦା କରିଦିଆ ଯାଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏହାର ତୀବ୍ର ବିରୋଧ କରିବା ସହ ତୁରନ୍ତ ସେମାନଙ୍କୁ ନିଯୁକ୍ତି ଦେବା ପାଇଁ ଦାବି କରିଛନ୍ତି । ଅନ୍ୟଥା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାକିରିରୁ ବିଦା ହୋଇଥିବା କିନ୍ନରଙ୍କ ସହ ସେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୭ରେ ଜିଲା ପ୍ରଶାସନ ୧୯ ଜଣ କିନ୍ନରଙ୍କୁ ଥଇଥାନ ଯୋଜନାରେ ନିଯୁକ୍ତି ଦେଇଥିଲା। ପରେ ମାତ୍ର ୧୫ ଜଣ କିନ୍ନର ନିଯୁକ୍ତି ଅନୁଯାୟୀ ସୁରକ୍ଷାକର୍ମୀ ଭାବେ ମାସିକ ଦରମାରେ ରହିଥିଲେ। କିନ୍ତୁ ଚଳିତ ମାସରୁ ସେମାନଙ୍କୁ ଚାକିରିରୁ ବିଦା କରିଦିଆ ଯାଇଛି। ସେମାନେ ଜିଲାପାଳ, ଶ୍ରମ ଅଧିକାରୀଙ୍କ ନିକଟରେ ଦାବି ଜଣାଇଥିଲେ ମଧ କିଛି ଫଳ ହୋଇନାହିଁ।

### ୧୦ରେ ଜୟପୁର ପଥୋତ୍ସବ



ଜୟପୁର,୧।୧୧(ନି.ପ୍ର.): ରାଜ୍ୟସ୍ତରୀୟ ପରବ ୨୦୧୯ ଆନୁକୂଲ୍ୟରେ ୧୦ ତାରିଖରେ ଜୟପୁର ପଥୋତ୍ସବ ଅନୁଷ୍ଠିତ ହେବ। ଆଇଟିଡିଏ ସମ୍ମିଳନୀ କକ୍ଷରେ ଉପଜିଲାପାଳ ଲୋକନାଥ ଦଳବେହେରାଙ୍କ ଆହ୍ୱାନରେ ବୈଠକ ବସି ଏଥିପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହୋଇଥିଲା। ସକାଳ ସାଢ଼େ ୬ରେ ପ୍ରଦର୍ଶନୀ ଆରମ୍ଭ ହୋଇ ୧୦ଟାରେ ଶେଷ ହେବ । ଏଥିରେ ୨୩ଟି ପ୍ରଦର୍ଶନୀ ସାମିଲ ହେବ। ମ୍ୟୁଜିକ ଚେୟାର, ପିଲାଙ୍କ ଖେଳ, ଆଖଡ଼ା, ଯୋଗ, ରଙ୍ଗୋଲି ଝୋଟି, ମେହେନ୍ଦି, ଶିଶୁକଳା, ଫ୍ୟାଶନ ଶୋ', ସ୍ଲୋ ସାଇକେଲ ଚାଳନା, ନୃତ୍ୟ, ଦଉଡ଼ି ଡିଆଁ, ମ୍ୟାଜିକ, ପନିପରିବାକୁ ନେଇ ଚିତ୍ର, ପେପର କ୍ରାଫ୍ଟ, ବର୍ଜ୍ୟବସ୍ତୁର ବ୍ୟବହାର, ସଂକୀର୍ତ୍ତନ ଭଳି ପ୍ରଦର୍ଶନୀ ଲାଗିବ। ଓଲକମ ଛକରୁ ବାଙ୍ଗମଠ ଯାଏ ଏହି ପ୍ରଦର୍ଶନ ବସିବ। ଶୁକ୍ରବାରଠାରୁ ୬ ତାରିଖ ସୁଦ୍ଧା ପୌର କାର୍ଯ୍ୟାଳୟରେ ପ୍ରତିଯୋଗୀମାନ ପଞ୍ଜିକରଣ କରିବା ପାଇଁ କୁହାଯାଇଛି। ପ୍ରସ୍ତୁତି ବୈଠକରେ ଆଇଟିଡିଏ ପିଏ ତଥା ପୌର ନିର୍ବାହୀ ଅଧିକାରୀ ଗୋପୀନାଥ ସାରକା, ଏସ୍‌ଡିପିଓ ବରୁଣ ଗୁଣ୍ଟୁପାଲି, ତହସିଲଦାର ମାତାରାମ ଲେହାଙ୍ଗି, ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି, ଏସ୍‌ଡିପିଆରଓ ପୀତବାସ ବିଶ୍ୱାଳ ସାମିଲ ଥିଲେ।

### ରାଷ୍ଟ୍ରୀୟ ଏକତା ପାଇଁ ଶପଥ ଗ୍ରହଣ

କୋରାପୁଟ,୧।୧୧(ସ୍ୱ.ପ୍ର.): କୋରାପୁଟ ପ୍ରଶାସନ ଓ ଜିଲା ସ୍ମାରକୀ କମିଟି ପକ୍ଷରୁ ଗୁରୁବାର ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ତଥା ଜାତୀୟ ସଂକଳ୍ପ ଦିବସ ପାଳିତ ହୋଇଛି। ସ୍ଥାନୀୟ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ନିକଟରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ମୁଖ୍ୟ ଅତିଥି ଭାବେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଉପସ୍ଥିତ ବୁଦ୍ଧିଜୀବୀ, ଲୋକ ପ୍ରତିନିଧି ଓ ଅଧିକାରୀଙ୍କୁ ମୁଖ୍ୟ ଅତିଥି ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା ନେଇ ଶପଥପାଠ କରାଇଥିଲେ । ଏହି ଅବସରରେ ପୂର୍ବତନ ବିଧାୟକ ନିମାଇଁ ସରକାର, ଜୟପୁର ସବ୍‌ଡିଭିଜନର ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ସତ୍ୟ ପ୍ରଧାନ, ସ୍ମାରକୀ କମିଟି ସଭ୍ୟ ରବି ଶତପଥୀ, ରମା ଶର୍ମା ଉପସ୍ଥିତ ଥିଲେ ।

### ସର୍ଦ୍ଦାର ପଟେଲ ଜୟନ୍ତୀ ପାଳିତ

ଜୟପୁର,୧।୧୧(ନି.ପ୍ର.): ଜୟପୁର ଅରବିନ୍ଦନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୪ତମ ଜୟନ୍ତୀ ପାଳିତ ହୋଇଛି। ମୀନକେତନ ପରିଚ୍ଛାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଗୌରାଙ୍ଗ ପାଣିଗ୍ରାହୀ ଓ ଆନନ୍ଦ ଚନ୍ଦ୍ର ଓଝା ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଦେଶରେ ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣରେ ସର୍ଦ୍ଦାର ପଟେଲଙ୍କ ଭୂମିକା ଓ ଷ୍ଟେଟ୍‌ସ ଅଫ୍ ୟୁନିଟ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ସୁସ୍ମିତା ରଥ ପରିଚୟ ପ୍ରଦାନ ଓ ଅମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଶୁକଦେବ ସାହୁ, ଭାଗବତ ଷଡ଼ଙ୍ଗୀ, ସୁଜାତା ସାହୁ, ଅନୁପମା ମହାପାତ୍ର, ପ୍ରିୟଙ୍କା ପାଳ, ବବିତା ମହାରଣାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।



କୋରାପୁଟ ମ୍ୟୁନିସିପାଲିଟି ପକ୍ଷରୁ ଆୟୋଜିତ ପରବ ମଞ୍ଚରେ ଢେମସା ନାଚ ପରିବେଷଣ କରାଯାଉଛି ।



ପରବ ମଞ୍ଚରେ କୋରାପୁଟ ବିଧାୟକଙ୍କ ସହ ଅନ୍ୟ ଅତିଥିମାନେ ।

# ସାଂସ୍କୃତିକ ଆନ୍ଦୋଳନ ପାଲଟିଛି 'ପରବ'

## ଆଦିବାସୀଙ୍କ ଢେମସା ନାଚରେ ଦୁଲୁକିଲା ପରବ ମଣ୍ଡପ

କୋରାପୁଟ,୧।୧୧(ସ୍ୱ.ପ୍ର.)

କୋରାପୁଟର ଲୋକ ମହୋତ୍ସବ 'ପରବ' ଏକ ସାଂସ୍କୃତିକ ଆନ୍ଦୋଳନରେ ପରିଣତ ହୋଇଛି। କୋରାପୁଟ ମ୍ୟୁନିସପାଲିଟିରେ ଶୁକ୍ରବାର ଆୟୋଜିତ 'ପରବ-୨୦୧୯' କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି। ଏହି ଅବସରରେ ଆଦିବାସୀଙ୍କ ଢେମସା ନାଚରେ ଦୁଲୁକିଛି ପରବ ମଣ୍ଡପ।

ଶୁକ୍ରବାର ସକାଳୁ ସହରର ଗ୍ରାମଦେବୀ ମା' ମୁତ୍ୟାଲୁମା'ଙ୍କ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଜିଲା ସହକାରୀ ରାଜସ୍ୱ ଅଧିକାରୀ ଦିପ୍ତିମୟୀ ପ୍ରଧାନ, ଜିଲା ପରିଷଦ ସଭ୍ୟ ପାର୍ବତୀ ମସ୍ତି, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି ମଶାଲ ପ୍ରଜ୍ୱଳନ କରି ପରବର ଉଦ୍‌ଘାଟନ କରିଥିଲେ। ଆଦିବାସୀ ନୃତ୍ୟ-ବାଦ୍ୟ ସହ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଟାଉନହଲ୍‌ରେ ପରବ ମଶାଲ ସ୍ଥାପନ କରାଯାଇ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ, ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନୀ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଥିବା ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି କହିଥିଲେ, ପରବ ଯୋଗୁ କୋରାପୁଟ ଜିଲାର ବହୁ ଲୁକ୍କାୟିତ କଳା ପ୍ରତିଭା ଲୋକଲୋଚନକୁ ଆସିପାରୁଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୌର ଅଧୀକ୍ଷଣ ଯନ୍ତ୍ରୀ ରମେଶ ଚନ୍ଦ୍ର ମହାରଣା, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, ଅଶୋକ ଶାହା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଚାନ୍ଦିଲି ପଞ୍ଚାୟତରେ ସିପିଆଇର ବିକ୍ଷୋଭ

ଜୟପୁର,୧।୧୧(ନି.ପ୍ର.)

ସିପିଆଇ ଜିଲା ଶାଖା ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୭ ଦଫା ଦାବିପତ୍ର ଦେଇଛି। କୋରାପୁଟ ଜିଲା କୋଟପାଡ଼ ବ୍ଲକ ଚାନ୍ଦିଲି ପଞ୍ଚାୟତରେ ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇ ପିଇଓଙ୍କ ଜରିଆରେ ଏହି ଦାବିପତ୍ର ଦିଆଯାଇଛି। ଚାନ୍ଦିଲିକୁ ମଦମୁକ୍ତ ପଞ୍ଚାୟତ ଘୋଷଣା କରିବା, ଡ. ସ୍ୱାମୀନାଥନ କମିଶନଙ୍କ ସୁପାରିସ୍‌କୁ କାର୍ଯ୍ୟକାରୀ କରିବା, ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଚାଷୀଙ୍କୁ ଭତ୍ତା, ଆବାସ ଥିବା ଜମିରେ ସ୍ଥାୟୀ ପଟ୍ଟା ଦେବା, ପ୍ରକୃତ ଗରିବ ଓ ଗୃହହୀନ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଦେବା, ହିତାଧିକାରୀଙ୍କୁ ବିପିଏଲ ଚାଉଳ ନିୟମିତ ଦେବା, ବୃଦ୍ଧ, ବିଧବା, ଭିନ୍ନକ୍ଷମଙ୍କୁ ମାସିକ ୧ ହଜାର ଟଙ୍କା ଭତ୍ତା, ସ୍କୁଲରେ ଶିକ୍ଷକ ନିଯୁକ୍ତି ଭଳି ଦାବି ରହିଛି। ଦାବିପତ୍ରରେ ଆହୁରି ଦର୍ଶାଯାଇଛି ଯେ, ଭାରତୀୟ ସମ୍ବିଧାନର ଧାରା ୨୪୪ ଅନୁଯାୟୀ ଅବିଭକ୍ତ କୋରାପୁଟକୁ ଅନୁସୂଚିତ ଜିଲାର ମାନ୍ୟତା ଦିଆଯାଇଛି। ଏହି ଜିଲାର ଲୋକଙ୍କୁ ସ୍ୱଚ୍ଛ ଶାସନ ଦେବା ପାଇଁ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଛି। କିନ୍ତୁ କୋରାପୁଟ ଜିଲାରେ ଶାସନ ବ୍ୟବସ୍ଥା ଠିକ୍ ଭାବେ ପରିଚାଳିତ ହେଉନାହିଁ। ସେଥିପାଇଁ ରାଜ୍ୟପାଳଙ୍କୁ ଦାବିପତ୍ର ଦେଇଛି ସିପିଆଇ।

## 'ଦୁର୍ନୀତି ରୋକିବାରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ'



ଦୁର୍ନୀତି ନିବାରଣ ସପ୍ତାହ କାର୍ଯ୍ୟକ୍ରମରେ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କ ସହ ଅନ୍ୟମାନେ ।

କୋରାପୁଟ,୧।୧୧(ସ୍ୱ.ପ୍ର.)

ଦେଶରୁ ଦୁର୍ନୀତି ରୋକିବାରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗୁରୁବାର ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଏହା କହିଛନ୍ତି।

ଗୁରୁବାର ସକାଳୁ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକୁ ମନ୍ତ୍ରୀ ପଦ୍ମିନୀ ଦିଆନ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିବା ସହ ଦୁର୍ନୀତିମୁକ୍ତ ରାଷ୍ଟ୍ର ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଉପସ୍ଥିତ ଅଧିକାରୀ ଓ ଛାତ୍ରୀଛାତ୍ରଙ୍କୁ ଦୁର୍ନୀତି ନିବାରଣ ପାଇଁ ଶପଥପାଠ କରାଯାଇଥିଲା। କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ ଓ ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ ଦୁର୍ନୀତି ନିବାରଣ ପାଇଁ ସମସ୍ତଙ୍କର ମିଳିତ ସହଯୋଗର ଆବଶ୍ୟକ ରହିଛି ବୋଲି କହିଥିଲେ। ଜୟପୁରସ୍ଥିତ ଦୁର୍ନୀତି ନିବାରଣ ବିଭାଗ ଅଧୀକ୍ଷକ ଦୁର୍ନୀତିର ମାତ୍ରା ହ୍ରାସ କରିବାରେ ଛାତ୍ର ଓ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ପି ଉତ୍କଳ ରଞ୍ଜନ ଦାଶ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଧାନ ଟୋଲିଆମ୍ମା, ଜୟପୁର ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ଆଇଟିଡିଏ ପିଏ କାବୁ ସୋରେନ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ପ୍ରାକୃତିକ ବିପର୍ଯ୍ୟୟ ସଚେତନତା ଦିବସ

ସୁନାବେଡ଼ା,୧।୧୧(ଡି.ଏନ୍.ଏ.):

୧୯୯୯ ମହାବାତ୍ୟାର ୨୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରାକୃତିକ ବିପର୍ଯ୍ୟୟର ପ୍ରାକ୍ ପ୍ରସ୍ତୁତି ପାଇଁ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ଓ କାର୍ଯ୍ୟାଳୟରେ ପ୍ରାକୃତିକ ବିପର୍ଯ୍ୟୟ ସଚେତନତା ଦିବସ ପାଳିତ ହୋଇଛି। ଏହି ଅବସରରେ ଗୁରୁବାର ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) କୋରାପୁଟ ପ୍ରଭାଗ ପକ୍ଷରୁ ସୁନାବେଡ଼ା ସହରାଞ୍ଚଳର ଏଡିଏଭି ବିଦ୍ୟାଳୟରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୁରକ୍ଷା ଓ ସଚେତନତା ସୃଷ୍ଟି କରିବା ପାଇଁ ଏକ ମକ୍ ଡ୍ରିଲ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଜୟପୁରସ୍ଥିତ ଫ୍ୟାକ୍ଟ୍ରିଜ ଆଣ୍ଡ ବଏଲର୍ସର ସହକାରୀ ନିର୍ଦ୍ଦେଶକ ସ୍ୱାଧୀନ ବେହେରା, ଡିଜିଏମ୍ (ମେଣ୍ଟେନାନ୍ସ) ଏସ୍.ଆର୍. ମହାକୁଡ଼, ଚିଫ୍ ମ୍ୟାନେଜର (ମେଣ୍ଟେନାନ୍ସ) ପି.କେ. ପଣ୍ଡା, ଡେପୁଟି ମ୍ୟାନେଜର (ସେଫ୍‌ଟି) ବି.କେ. ପାତ୍ର, ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶୋକ ପୃଷ୍ଟି ଉପସ୍ଥିତ ଥିଲେ।




ରାଷ୍ଟ୍ରୀୟ ଏକତା ଦିବସରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

## ରାଷ୍ଟ୍ରଭକ୍ତିରେ କଟିଲା ଏକତା ଦିବସ

ଜୟପୁର,୧।୧୧(ନି.ପ୍ର.)

ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଏହି ଅବସରରେ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକଙ୍କ ଦ୍ୱାରା ବିଶାଳ ମାନବ ଶୃଙ୍ଖଳ ଗଠନ କରାଯାଇଥିଲା। ପରେ ଆୟୋଜିତ ସଭାରେ ଅଧ୍ୟକ୍ଷା ମନୋରମା ଦେବୀ, ଜୟପୁର ଆକାଶବାଣୀ କେନ୍ଦ୍ରର ନରେନ୍ଦ୍ର ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ ପ୍ରତି ମହାପାତ୍ରଙ୍କ ମନଛୁଆଁ ଭାଷଣ, ମନୋରଞ୍ଜନ ପ୍ରଧାନ ସଂଯୋଜନା, ରାଜଲକ୍ଷ୍ମୀ ଭୋଳ ଧନ୍ୟବାଦ ଦେଇଥିଲେ। ରଶ୍ମିତା ସ୍ୱାଇଁଙ୍କ ଦ୍ୱାରା ନିର୍ଦ୍ଦେଶିତ ସ୍ୱାଗତ ସଙ୍ଗୀତ, ଶୁଭଶ୍ରୀ ସଂପଦା ମିଶ୍ରଙ୍କ ତତ୍ତ୍ୱାବଧାନରେ ଦେଶପ୍ରେମ ନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ୨୨ ଜଣ ଛାତ୍ରୀଙ୍କୁ ନେଇ ମଞ୍ଚସ୍ଥ ନାଟକରେ ଦେଶର ଅଖଣ୍ଡତା, ସବୁ ରାଜ୍ୟର ଲୋକନୃତ୍ୟ ଓ ପରମ୍ପରାର ଝଲକ ଦେଖିବାକୁ ମିଳିଥିଲା।

## ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃ ନିଯୁକ୍ତିକୁ ବିରୋଧ କଲେ ଠିକା କର୍ମଚାରୀ

ଜୟପୁର,୧।୧୧(ଡି.ଏନ୍.ଏ.)

ଜୟପୁର ବାଗିଣିପୁଟସ୍ଥିତ କୋଲାବ ଜଳ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଦାୟିତ୍ୱରେ ଥିବା ରାଜ୍ୟ ହାଇଡ୍ରୋ ପାୱାର କର୍ପୋରେଶନ (ଓଏଚ୍‌ପିସି) ୩ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁଣି ଏକ ବର୍ଷ ପାଇଁ ଅସ୍ଥାୟୀ ଭାବେ ନିଯୁକ୍ତି ଦେଇଛି। ଦୀର୍ଘ ବର୍ଷ ହେଲା ଠିକା କର୍ମଚାରୀ ଭାବେ କାର୍ଯ୍ୟରତ କର୍ମଚାରୀମାନେ ଶୁକ୍ରବାର ଏହାକୁ ବିରୋଧ କରିଛନ୍ତି। ଏହା ଉଚ୍ଚ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି। ତେଣୁ ଉପରସ୍ଥ ଅଧିକାରୀଙ୍କୁ ଅବଗତ କରାଯିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଭାଗ ଉତ୍ତର ରଖିଛି। ଗତ ବର୍ଷ ୨ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଏହିପରି ଅସ୍ଥାୟୀ ଭାବେ ବିଭାଗ ପକ୍ଷରୁ ନିଯୁକ୍ତିକୁ ବିରୋଧ ପରେ ଉକ୍ତ କର୍ମଚାରୀଙ୍କୁ ଅନ୍ତର କରାଯାଇଥିଲା । କିନ୍ତୁ ଚଳିତ ବର୍ଷ ପୁଣି ୩ ଜଣ ଅବସରପ୍ରାପ୍ତ ବୈଷୟିକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ଦୀର୍ଘ ବର୍ଷ ଧରି ବୈଷୟିକ ତାଲିମପ୍ରାପ୍ତ ୪୦ରୁ ଊର୍ଦ୍ଧ୍ୱ କର୍ମଚାରୀ ରହିଥିଲେ ସୁଦ୍ଧା ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ମିଳୁନାହିଁ। ତେଣୁ ଠିକା କର୍ମଚାରୀମାନେ ବିଭାଗୀୟ ନିଷ୍ପତ୍ତିର ବିରୋଧ କରିଥିଲେ। ଓଏଚ୍‌ପିସି ଜିଏମ୍ ଓ ଅନ୍ୟ ଅଧିକାରୀ ଆନ୍ଦୋଳନରତ କର୍ମଚାରୀଙ୍କୁ ବୁଝାଶୁଝା କରିଥିଲେ। ଜିଏମ୍ ମନୋରଞ୍ଜନ ବିଶ୍ୱାଳ କହିଛନ୍ତି, ଶୀଘ୍ର ବିଭାଗ ପକ୍ଷରୁ ଲିଖିତ ଓ ବୈଷୟିକ ମନୋନୟନ ପରୀକ୍ଷା ମାଧ୍ୟମରେ ବିଭିନ୍ନ ପଦବୀରେ ଆବଶ୍ୟକ କର୍ମଚାରୀ ଚୟନ କରାଯିବ। କିନ୍ତୁ ଆବଶ୍ୟକ ବୈଷୟିକ ବିଶେଷଜ୍ଞ କର୍ମଚାରୀଙ୍କ ଅଭାବ ଯୋଗୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନିଯୁକ୍ତି କରାଯାଇଥିବା ସେ କହିଛନ୍ତି ।

## ■ ୨ ଜିଲା ପରିଷଦ ଜୋନ ପାଇଁ ଉପନିର୍ବାଚନ

# ନାମାଙ୍କନ କଲେ କଂଗ୍ରେସର ୨ ପ୍ରାର୍ଥୀ

କୋରାପୁଟ,୧।୧୧(ସ୍ୱ.ପ୍ର.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଜୋନ-୧ ଓ ପଟ୍ଟାଙ୍ଗି ବ୍ଲକ ଜୋନ-୧ରେ ଆସନ୍ତା ୨୭ରେ ଉପନିର୍ବାଚନ ହେବ। ଏଥିପାଇଁ ଶୁକ୍ରବାର କଂଗ୍ରେସ ପକ୍ଷରୁ ୨ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଉପଜିଲାପାଳଙ୍କ ନିକଟରେ ଦାଖଲ କରିଛନ୍ତି। ଦଶମନ୍ତପୁର ଜୋନ-୧ ପାଇଁ ମୁର୍କାର ସରପଞ୍ଚ ନରି ହିକ୍‌କା ଓ ପଟ୍ଟାଙ୍ଗି ଜୋନ-୧ ପାଇଁ ପୁକାଲି ସରପଞ୍ଚ ତିରୁପତି ସାରା ନିଜ ନାମାଙ୍କନପତ୍ର ଉପଜିଲାପାଳ ଲଳିତ କୁମାର କହଁରଙ୍କ ନିକଟରେ ଦାଖଲ କରିଛନ୍ତି। ଏହି ଅବସରରେ ଜିଲା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, କାର୍ଯ୍ୟକାରୀ ସଭାପତି ରୁପକ ତୁରୁକ, ପୂର୍ବତନ ବିଧାୟକ ନିମାଇଁ ସରକାର, କୈଳାସ କୁଲେସିକା, ରାମଚନ୍ଦ୍ର କାଡାମ, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝି, ବାବୁଲା ବେନିଆ ଉପସ୍ଥିତ ଥିଲେ। ଶୁକ୍ରବାର ମଧ୍ୟାହ୍ନରେ ଗୁଣ୍ଡିଚା ମନ୍ଦିର ନିକଟରୁ କଂଗ୍ରେସର ଶୋଭାଯାତ୍ରା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ନାମାଙ୍କନପତ୍ର ଦାଖଲ ବେଳେ କୋରାପୁଟ ଟାଉନ ଥାନା ଅଧିକାରୀ ପୀତବାସ ଧାରୁଆଙ୍କ ତତ୍ତ୍ୱାବଧାନରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଶନିବାର ବିଜେଡି ଓ ଭାଜପା ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି।



ଉପଜିଲାପାଳଙ୍କ ନିକଟରେ କଂଗ୍ରେସର ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରୁଛନ୍ତି ।

## ଫଟୋରେ ଖବର



ଜୟପୁର ପାରାବେଡ଼ାସ୍ଥିତ ମଡର୍ନ ଇଂଲିଶ ସ୍କୁଲର ଛାତ୍ରମାନଙ୍କ ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୪ତମ ଜୟନ୍ତୀ ଅବସରରେ ରଥପଡ଼ିଆ ଛକରୁ ବିଦ୍ୟାଳୟ ପର୍ଯ୍ୟନ୍ତ ରନ ଫର୍ ୟୁନାଇଟ୍ କାର୍ଯ୍ୟକ୍ରମ।



କୋରାପୁଟ ଟାଉନ ଥାନାରେ ଗୁରୁବାର ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଦୁର୍ନୀତିମୁକ୍ତ ରାଷ୍ଟ୍ର ଗଠନ ପାଇଁ ଥାନା ଅଧିକାରୀ ପୀତବାସ ଧାରୁଆ କର୍ମଚାରୀଙ୍କୁ ଶପଥପାଠ କରାଉଛନ୍ତି।

## ଦୁର୍ଘଟଣାରେ ସ୍କୁଟି ଆରୋହୀ ମୃତ

ଖଲ୍ଲିକୋଟ,୧।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଖଲ୍ଲିକୋଟ ସହର କରଣ ସାହି ରାସ୍ତାରେ ଶୁକ୍ରବାର ବସ୍ ଚକାତଳେ ଚାପିହୋଇ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋଦଳା ମାଗୁରା ସାହିର ସୂର୍ଯ୍ୟମଣି ମୁନି। ଏ ନେଇ ୩୧୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆ ସି କା ରୁ ଭୁବନେଶ୍ୱର ଯାଉଥିବା ଘରୋଇ ବସ ସ୍କୁଟି ଆରୋହୀଙ୍କୁ ଧକ୍କା ଦେଇଥିଲା। ଫଳରେ ମୁନି ତଳେ ପଡ଼ି ଯାଇଥିଲେ। ହେଲ୍‌ମେଟ ପିନ୍ଧିଥିଲେ ସୁଦ୍ଧା ବସଚକା ତାଙ୍କ ମୁଣ୍ଡ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ସଂକ୍ଷେପରେ



### ଅଭିଭାବକ, ଅଧ୍ୟାପକ ସମ୍ମିଳନୀ

**ଗୁଣପୁର,୧।୧୧(ଡି.ଏନ.ଏ):** ଗୁଣପୁର ମହାବିଦ୍ୟାଳୟ ଇତିହାସ ବିଭାଗର ଅଭିଭାବକ ଓ ଅଧ୍ୟାପକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଡ.ବାମଦେବ ମିଶ୍ର ଅଧ୍ୟକ୍ଷତା କରିଥିଲେ । ବିଭାଗୀୟ ମୁଖ୍ୟ ଡ.ଜବାହର ଚୌଧୁରୀ, ଅଧ୍ୟାପକ ଡ.ଅଜୟ ରଇତ ଏବଂ ଅଫିସ ସୁପରିଣ୍ଟେଣ୍ଡେଣ୍ଟ ଯୋଗ ଦେଇ ଶିକ୍ଷାର୍ଥୀମାନଙ୍କ ବିକାଶରେ ଉଭୟ ଅଭିଭାବକ ଓ ଅଧ୍ୟାପକମାନଙ୍କ ଭୂମିକା ରହିଥିବା କହିଥିଲେ । ଏଥିସହ ଉଚ୍ଚଶିକ୍ଷାରେ ଆଜିର ଆବଶ୍ୟକତା, ଗୁଣାତ୍ମକ ଶିକ୍ଷା, ପ୍ରତିଯୋଗିତାମୂଳକ ପରୀକ୍ଷାକୁ ସାମ୍ନା କରିବାକୁ ହେଲେ କିପରି ପ୍ରସ୍ତୁତ ରହିବେ ସେନେଇ ଅତିଥିମାନେ କହିଥିଲେ । ଅଭିଭାବକମାନେ ସେମାନଙ୍କ ସମସ୍ୟା ଉପରେ ଆଲୋକପାତ କରିବାସହ ଏଠାକାର ଶିକ୍ଷକ, ଶିକ୍ଷାଦାନ ପ୍ରଣାଳୀ, ଶାନ୍ତିଶୃଙ୍ଖଳା,ସନ୍ଦର୍ଭ କାର୍ଯ୍ୟକ୍ରମ, ଭିତିଭୂମି, ଗ୍ରନ୍ଥାଗାର, କମ୍ପ୍ୟୁଟର ସେଣ୍ଟର, ସ୍ମାର୍ଟ କ୍ଲାସରୁମ ଓ ଲାଙ୍ଗୁଏଜ ଲାବ ପରିଦର୍ଶନ କରିଥିଲେ ।

### ସଚେତନତା କାର୍ଯ୍ୟକ୍ରମ



**ରାୟଗଡା ଅଫିସ୍, ୧।୧୧ (ଡି.ଏନ୍.ଏ.):** ରାୟଗଡା ଜିଲା ସଦର ମହକୁମାଠାରେ ଶୁକ୍ରବାର ଇଣ୍ଡେନ ଗ୍ୟାସ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜୟପୁର ବିକ୍ରୟ କ୍ଷେତ୍ରର ବିକ୍ରୟ ପରିଚାଳକ ବାଜା ମାରାଣ୍ଡି ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ପରେ ମା' ମାଝିଗୌରୀ ଇଣ୍ଡେନ ଓ ଶିକରପାଇର ବନ୍ଧନ ଇଣ୍ଡେନ ଗ୍ୟାସ୍ ପ୍ରଦାନକାରୀ ସଂସ୍ଥା ଗାଡିରେ ବିଭିନ୍ନ ପ୍ଲାକାର୍ଡ ଓ ବ୍ୟାନର ଲଗାଇ ସଚେତନତା ନିମନ୍ତେ ସହର ପରିକ୍ରମା କରାଯାଇଥିଲା । ଗ୍ୟାସ୍ ଦୁର୍ଘଟଣାକୁ କିଭଳି ଭାବେ ଏଡ଼ାଇ ଦିଆଯିବ ଏବଂ ଗ୍ରାହକମାନଙ୍କୁ ସିଲିଣ୍ଡର ନେବା ପୂର୍ବରୁ ସମ୍ପୂର୍ଣ୍ଣ ତର୍ଜମା କରି ସିଲିଣ୍ଡର ହସ୍ତାନ୍ତର କରିବା ନେଇ ଜୟପୁର ବିକ୍ରୟ କ୍ଷେତ୍ରର ପରିଚାଳକ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉକ୍ତ ସଂସ୍ଥାର କାର୍ଯ୍ୟରତ କର୍ମଚାରୀମାନେ ସହଯୋଗ କରିଥିଲେ ।

■ ଗଣଶିକ୍ଷା ମନ୍ତ୍ରୀଙ୍କ ରାୟଗଡ଼ା ଗସ୍ତ

# ୫ମ ଶ୍ରେଣୀ ଛାତ୍ରଙ୍କୁ ଆସୁନି ପଣିକିଆ

**ରାୟଗଡ଼ା ଅଫିସ, ୧।୧୧**

- ପ୍ରଧାନଶିକ୍ଷକଙ୍କ ବଦଳି, ସିଆର୍‌ସିସିଙ୍କ ଦରମା ବନ୍ଦ
- ଏକକ ପରୀକ୍ଷା ଚାଲିଥିବାରୁ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ ବାତିଲ
- ପୂର୍ବାହ୍ନ ୧୦ରୁ ମଧ୍ୟାହ୍ନ ୧୨ ଯାଏଁ ପଢ଼ାଇବେ ସିଆର୍‌ସିସି
- ମନ୍ତ୍ରୀଙ୍କୁ ଭୁଲ ତଥ୍ୟ ଦେଲେ ଶିକ୍ଷା ବିଭାଗୀୟ ଅଧିକାରୀ



ପିଲାଙ୍କ ଗହଣରେ ମନ୍ତ୍ରୀ ମଧ୍ୟାହ୍ନଭୋଜନ କରୁଛନ୍ତି ।

ରାଜ୍ୟ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାସ ଶୁକ୍ରବାର ରାୟଗଡ଼ା ଗସ୍ତ କରିଛନ୍ତି । ସମଗ୍ର ରାଜ୍ୟରେ ଶୁକ୍ରବାର ଏକକ ପରୀକ୍ଷା ଚାଲିଥିବାରୁ ମନ୍ତ୍ରୀ ସମୀକ୍ଷା ବୈଠକକୁ ବାତିଲ କରିଥିଲେ । ପ୍ରଥମେ ମନ୍ତ୍ରୀ ରାୟଗଡ଼ା ବ୍ଲକର ଉଦୟପୁର ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ସେଠାରେ ଜଣେ ୫ମ ଶ୍ରେଣୀ ଛାତ୍ରଙ୍କୁ ୩ କ ପଣିକିଆ ପଚାରି ଥିଲେ । ହେଲେ ଛାତ୍ର ଜଣକ କହି ପାରି ନ ଥିଲେ । ଏହାକୁ ନେଇ ମନ୍ତ୍ରୀ ବିରକ୍ତି ପ୍ରକାଶ କରିବା ସହ ସିଆରସିସି ରାମଚନ୍ଦ୍ର କୌଶଲ୍ୟାଙ୍କ ୧ ମାସର ଦରମା ବନ୍ଦ କରିଥିଲେ । ଏଥିସହ ୧୦ ବର୍ଷ ଧରି ଗୋଟିଏ ବିଦ୍ୟାଳୟରେ ରହିଥିବା ପ୍ରଧାନ ଶିକ୍ଷକ ମହେନ୍ଦ୍ର ବିଭୋରଙ୍କ ବଦଳି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁଠାରେ ଶିକ୍ଷା ଅପହଞ୍ଚ ଓ ଅନୁନ୍ନତ ସେଠାକୁ ପଠାଇବାକୁ ମନ୍ତ୍ରୀ କହିଛନ୍ତି । ସେହିପରି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବଳରାମ ହୁଇକାଙ୍କ ବଦଳି କରିବା ସହ ୧ ମାସର ଦରମା ବନ୍ଦ କରିଛନ୍ତି । ଏଠାରେ ସର୍ବନିମ୍ନ ଶିକ୍ଷା ନ ଥିବାରୁ ଜଣେ ସହାୟିକା ଶିକ୍ଷକ ସୁଜ୍ଞାନୀ ପ୍ରଧାନଙ୍କୁ କାରଣ ଦର୍ଶାଅ ନୋଟିସ କରିଛନ୍ତି । ମନ୍ତ୍ରୀ ଆହୁରି କହିଥିଲେ ଯେ, ଏକକ ପରୀକ୍ଷା ଫଳ ଯେଉଁ ଛାତ୍ରୀଛାତ୍ରଙ୍କ ନୈରାଶ୍ୟଜନକ ହେବ, ସେମାନଙ୍କ ଅଭିଭାବକଙ୍କୁ ଡ଼କାଇ ଆଲୋଚନା କରାଯିବ । ସିଆରସିସି କାର୍ଯ୍ୟକ୍ଷେତ୍ରରେ ଅଧିକ କ୍ରିୟାଶୀଳ ଏବଂ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ଏଥିସହ ସିଆରସିସି ପୂର୍ବାହ୍ନ ୧୦ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପାଠ ପଢ଼ାଇବେ । ରାୟଗଡ଼ା ଜିଲାରେ ୧୦ରୁ କମ ପିଲା ଥିବା ୧୬୯ ଟି ବିଦ୍ୟାଳୟ ଚିହ୍ନଟ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା ୭୩ ଟି ସ୍କୁଲ ବନ୍ଦ ହୋଇଛି । ଆଗାମୀ ଦିନରେ ସ୍କୁଲର ପାରିପାର୍ଶ୍ୱିକ ସ୍ଥିତି ଦେଖି ଜିଲାପାଳ କମ ପିଲା ଥିବା ସ୍କୁଲ ବନ୍ଦ କରାଯିବ ବୋଲି ମନ୍ତ୍ରୀ କହିଥିଲେ । ପରେ ରାୟଗଡ଼ାସ୍ଥିତ ଫରେଷ୍ଟ କଲୋନୀ ପ୍ରାଥମିକ ବିଦ୍ୟାଳୟକୁ ଅଚାନକ ଗସ୍ତ କରି ସେଠାରେ ମଧ୍ୟାହ୍ନଭୋଜନର ମାନ ଯାଞ୍ଚ କରିଥିଲେ । ଛାତ୍ରୀଛାତ୍ରଙ୍କ ସହ ମଧ୍ୟାହ୍ନଭୋଜନ କରିଥିଲେ । ଶେଷରେ ଗଣମାଧ୍ୟମକୁ ସୂଚନା ଦେବା ଲାଗି ମନ୍ତ୍ରୀ ଶିକ୍ଷା ବିଭାଗକୁ ଏକ ରିପୋର୍ଟ ମାଗିଥିଲେ । ଉକ୍ତ ରିପୋର୍ଟରେ ଶିକ୍ଷା ବିଭାଗ ଦ୍ୱାରା ଭୁଲ ତଥ୍ୟ ପ୍ରଦାନ କରାଯାଇଥିଲା । ରିପୋର୍ଟରେ ନାକଟି କ୍ଲଷ୍ଟର ସିଆରସିସି କାମଦେବ ଦୁର୍ଗ୍ଗୁଙ୍କ ଦରମା ବନ୍ଦ କରାଯାଇଛି ବୋଲି ଉଲ୍ଲେଖ କରାଯାଇଥିଲା । କିନ୍ତୁ ମନ୍ତ୍ରୀ ଗୁମ୍ମା କ୍ଲଷ୍ଟରର ଉଦୟପୁର ସ୍କୁଲ ସିଆରସିସି ରାମଚନ୍ଦ୍ର କୌଶଲ୍ୟାଙ୍କ ଦରମା ବନ୍ଦ କରିଛନ୍ତି ।



କମ୍ପାନୀ ପରିସରରେ ଗ୍ରାମବାସୀ ଆନ୍ଦୋଳନ ଚଳାଇଛନ୍ତି ।

# ଉତ୍କଳ ଆଲୁମିନା କମ୍ପାନୀ ପରିସରରେ ଗ୍ରାମବାସୀଙ୍କ ଆନ୍ଦୋଳନ

**ଟିକିରି,୧।୧୧(ଡି.ଏନ୍.ଏ.)**

- ଗ୍ରାମବାସୀ, ପ୍ରଶାସନର ଆଲୋଚନା ବେଳେ ଉତ୍ତେଜନା
- ପୋଲିସର ମୃଦୁ ଲାଠି ଚାଳନା

ରାୟଗଡା ଜିଲା କାଶୀପୁର ବ୍ଲକ ଦୋରାଂଗୁଡ଼ାସ୍ଥିତ ଉତ୍କଳ ଆଲୁମିନା କମ୍ପାନୀ ଦ୍ୱାରା ପ୍ରଭାବିତ ଡିମୁଣ୍ଡି ଗ୍ରାମବାସୀ କ୍ଷତିପୂରଣ ଦାବିରେ କମ୍ପାନୀ ପରିସରରେ ଆନ୍ଦୋଳନ ଚଳାଇଥିଲେ । ଖବରପାଇ ଉପଜିଲାପାଳ ପ୍ରତାପ ଚରଣ ପ୍ରଧାନ ଓ ଏସଡ଼ିପିଓ ତପନ ନାରାୟଣ ରଥ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ । କମ୍ପାନୀ ପରିସରରୁ ବାହାରି ଯିବା ପାଇଁ କହିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା । କେତେକ ଗ୍ରାମବାସୀ ପୋଲିସ ଗାଡ଼ି ଉପରକୁ ଟେକା ପଥର ମାଡ଼ କରିଥିଲେ । ପରିସ୍ଥିତି ଅଣାୟତ ହେବାରୁ ପୋଲିସ ବାଧ୍ୟ ହୋଇ ମୃଦୁ ଲାଠି ଚାଳନା କରିଥିଲା । ପରେ ପୋଲିସ ୨୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କୁ ଦୋରାଗୁଡା ଥାନାକୁ ନେଇ ଅଟକ ରଖିଛି । ଅନ୍ୟପକ୍ଷରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଲାଠି ଚାଳନା ଘଟଣାକୁ ଦୋରାଗୁଡା ଥାନାଧିକାରୀ କେ.ସି. ଭଦ୍ରା ଅସ୍ୱୀକାର କରିଛନ୍ତି । ଏନେଇ ଉତ୍କଳ ଆଲୁମିନା ମାନବ ସମ୍ବଳ ଅଧିକାରୀ ଟି.ଏମ୍. ପ୍ରକାଶଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ । ସୂଚନାଯୋଗ୍ୟ, ଉତ୍କଳ ଆଲୁମିନା କାରଖାନାର ପାଚେରି ନିକଟରେ ଡିମୁଣ୍ଡି ଗ୍ରାମ ରହିଛି । ଗ୍ରାମରେ ପ୍ରାୟ ୨୧୬ ପରିବାର ବସବାସ କରୁଛନ୍ତି । କାରଖାନାର ଧୂଳି, ଧୂଆଁ ଯୋଗୁ ଗ୍ରାମବାସୀ ଅସ୍ତବ୍ୟସ୍ତ ହେଉଥିବା ଅଭିଯୋଗ କରି ଆସୁଛନ୍ତି ।

■ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# ଡିସେମ୍ବରରୁ ମଣ୍ଡି ଖୋଲିବାକୁ ପ୍ରସ୍ତାବ



ବୈଠକରେ ଯୋଗ ଦେଇଥିବା ଅଧିକାରୀମାନେ ।

**ରାୟଗଡ଼ା ଅଫିସ ,୧।୧୧**

ରାୟଗଡ଼ା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଦ୍‌ଭାବନା କକ୍ଷରେ ଖରିଫ ବର୍ଷ ୨୦୧୯-୨୦ ନିମନ୍ତେ ଶୁକ୍ରବାର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ । ଆସନ୍ତା ୧୫ ତାରିଖରୁ ଜିଲାରେ ମଣ୍ଡି ଖୋଲିବା ନେଇ ସରକାରଙ୍କ ତରଫରୁ ନିର୍ଦ୍ଦେଶ ରହିଛି । ଜିଲାରେ ଧାନ ଉତ୍ପାଦନର ସମୟକୁ ନଜରରେ ରଖି ଏହାକୁ ଡ଼ିସେମ୍ବରରୁ ଆରମ୍ଭ କରିବାକୁ ପ୍ରସ୍ତାବ ରଖାଯିବା ନେଇ ଉଭୟ ଚାଷୀ ଓ ମିଲର୍ସ ଜିଲାପାଳଙ୍କୁ ଅନୁରୋଧ କରିଥିଲେ । ଚଳିତ ଖରିଫ ଋତୁରେ ୬୦,୨୦୦ ମେଟ୍ରିକ ଟନ ଚାଉଳ ଉତ୍ପାଦନ ଲକ୍ଷ୍ୟ ରଖାଯାଇଥିବାବେଳେ ୮୯,୮୫୧ ମେଟ୍ରିକ ଟନ ଧାନ ସଂଗ୍ରହ ନିମନ୍ତେ ସ୍ଥିର ହୋଇଛି । ବିଗତ ବର୍ଷଗୁଡ଼ିକରେ ମଣ୍ଡିରେ ଉପୁଜୁଥିବା ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଚାଷୀଙ୍କ ଧାନକୁ ସୁରକ୍ଷିତ ରଖିବା, ଆନୁଷଙ୍ଗିକ ବ୍ୟବସ୍ଥା କରିବା ଏବଂ ମିଲର୍ସମାନଙ୍କର ସମସ୍ୟାର ସମାଧାନ ସମ୍ବନ୍ଧରେ ଆଲୋଚନା ହୋଇଥିଲା । ଜିଲାରେ ଥିବା ୧୪ଟି ପ୍ୟାକ୍ସ ମାଧ୍ୟମରେ ୩୬ଟି ମଣ୍ଡିରୁ ଅନଲାଇନ ମାଧ୍ୟମରେ ଧାନ କିଣା ଯିବା ସହ ୨୪ ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ପ୍ରାପ୍ୟ ପ୍ରଦାନ କରାଯିବା ପାଇଁ ନିୟମ ରହିଛି । ଏଥିସହ ଜିଲାରେ ବାଦ ପଡ଼ିଥିବା ଚାଷୀଙ୍କ ପଞ୍ଜୀକରଣ ନିମନ୍ତେ ନୂତନ ଭାବେ ଭ୍ରାମ୍ୟମାଣ ପଞ୍ଜୀକରଣ କେନ୍ଦ୍ର ଖୋଲିବା ଦିଗରେ ଯୋଜନା କରାଯିବା ନେଇ ଜିଲାପାଳ ପ୍ରକାଶ କରିଛନ୍ତି । ଚଳିତ ବର୍ଷ ସାଧାରଣ କିସମ ଧାନ ୧୮୧୫ ଓ ଗ୍ରେଡ଼ ଏ ଧାନ ୧୮୩୫ ଟଙ୍କା ସରକାର ନିର୍ଦ୍ଧାରିତ ମୂଲ୍ୟ ଧାର୍ଯ୍ୟ କରିଛନ୍ତି । ମିଲର୍ସ ଆସୋସିଏଶନ ସଦସ୍ୟ ଏବଂ ଚାଷୀମାନେ ଧାନ ରଖିବାର ଉଚିତ ସୁବିଧା ନ ଥିବା ଜିଲାପାଳଙ୍କୁ କହିଥିଲେ । ଆଗାମୀ ଦିନରେ ଏହାର ସମାଧାନ ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି । ଏହି ବୈଠକରେ ଉପଜିଲାପାଳ ପ୍ରତାପଚନ୍ଦ୍ର ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷ ଡ଼. ପୁରୁଷୋତ୍ତମ ଗମାଙ୍ଗ , ଭାରପ୍ରାପ୍ତ ଜିଲା ଖାଦ୍ୟ ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର କୁମାର ନାୟକ , ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ରଥ , ଜିଲା ମିଲର୍ସ ଆସୋସିଏଶନ ସଭାପତି କାଶୀ ନାଇଡୁଙ୍କ ସମେତ ଚାଷୀ ,ମିଲର୍ସ ସଂଘ ,ଲ୍ୟାମ୍ପ ଅଧିକାରୀ , ଆରଏମସି ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଚେୟାର, ଟେବୁଲ ବଣ୍ଟନ

**କାଶୀପୁର, ୧।୧୧ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସିନ୍ଦୁରଘାଟି ପଞ୍ଚାୟତ କାର୍ଯ୍ୟାଳୟ ତରଫରୁ ଶୁକ୍ରବାର ଡେରାକଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୩୫ଟି ଚେୟାର ଓ ଟେବୁଲ ପ୍ରଦାନ କରାଯାଇଛି । ଏହାକୁ ସରପଞ୍ଚ ସନ୍ଧ୍ୟା ମାଝି, ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେଶ ପଟ୍ଟନାୟକ ବଣ୍ଟନ କରିଥିଲେ । ଉକ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ର ବସିବା ନିମନ୍ତେ ଟେବୁଲ ଚେୟାର ନ ଥିଲା । ତେଣୁ ସରକାରଙ୍କ ଚତୁର୍ଦ୍ଦଶ ଅର୍ଥ କମିଶନ ଯୋଜନାରେ ସେମାନଙ୍କୁ ଯୋଗାଇ ଦିଆଯାଇଛି ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ । ଏହି ଯୋଜନା ଅନୁଯାୟୀ ସିନ୍ଦୁରଘାଟି ପଞ୍ଚାୟତର ଅନ୍ୟ ବିଦ୍ୟାଳୟଗୁଡିକୁ ମଧ୍ୟ ଚେୟାର,ଟେବୁଲ, ସୋଲାର ଲାଇଟ୍, ଫ୍ୟାନ ଆଦି ଆବଶ୍ୟକ ଉପକରଣ ଯୋଗାଇ ଦିଆଯିବ ବୋଲି ସରପଞ୍ଚ ମାଝି ପ୍ରକାଶ କରିଛନ୍ତି ।



ବିଦ୍ୟାଳୟଙ୍କୁ ପ୍ରଦାନ କରାଯାଇଥିବା ଚେୟାର, ଟେବୁଲ ।

# ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନମେଳା



ବିଜ୍ଞାନ ମେଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

**ମୁନିଗୁଡ଼ା,୧।୧୧(ଡ଼ି.ଏନ.ଏ)**

ରାୟଗଡା ଜିଲା ମୁନିଗୁଡା ବ୍ଲକ ଝାମରାଗୁଡାସ୍ଥିତ ଆଦର୍ଶ ବିଦ୍ୟାଳୟ ଠାରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଅଚ୍ୟୁତାନନ୍ଦ ମଲ୍ଲିକଙ୍କ ସଂଯୋଜନାରେ ଏହା ଅନୁଷ୍ଠିତ ହୋଇଥିଲା ।

ଏହି ମେଳାରେ ମୁନିଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟଅତିଥି ଓ ରାମନାଗୁଡ଼ା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ବିମଳ ବିଶାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ୩୫ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ଜଳବାୟୁ ଦୂଷିତ, ବର୍ଷା ଜଳ ସଂରକ୍ଷଣ, ବାୟୁ ପ୍ରଦୂଷଣ, ଟ୍ରାଫିକ ନିୟନ୍ତ୍ରଣ, ସ୍ୱଚ୍ଛଭାରତ ଅଭିଯାନ, କୃଷି ଉପରେ ଆଧାରିତ ନମୁନା ଆଦି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ଏହାକୁ ଶିକ୍ଷକ ଅଶ୍ୱିନୀ ବାରିକ, ମିଟିସ କୁମାର ବଣିଆ, ନଳିନୀ ସେଠ୍, ପୁଷ୍ପାଞ୍ଜଳି ଭୋଇ, ଅଞ୍ଜୁଲତା ଭୋଇ, ରେଷ୍ମା ଦାସ, ଅଶୋକ କୁମାର ମାଣ୍ଡାଙ୍ଗି ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ । ଶେଷରେ ଶ୍ରେଷ୍ଠ ତିନୋଟି ପ୍ରକଳ୍ପକୁ ପୁରସ୍କାର ପ୍ରଦାନ କରାଯାଇଥିଲା ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

### ଉତ୍କଳ ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠା ଦିବସ

**ଚନ୍ଦ୍ରପୁର, ୧।୧୧ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡା ସଦର ମହକୁମାରେ ଥିବା ଉତ୍କଳ ଗ୍ରାମିଣ ବ୍ୟାଙ୍କର ପ୍ରତିଷ୍ଠା ଦିବସ ଶୁକ୍ରବାର ସ୍ଥାନୀୟ ରାଜୀବ ସେବା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ, ଚାଷ ଋଣ, ବ୍ୟବସାୟୀକ ଋଣ, ଜରୁରୀ ପରିସ୍ଥିତିରେ ସୁନାବନ୍ଧକ ଋଣ, ବିଭିନ୍ନ ଜୀବନବୀମା ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସ୍ୱୟଂସହାୟକ ଗୋଷ୍ଠୀ ମହିଳା ଏବଂ ଗ୍ରାହକ, ଅଞ୍ଚଳବାସୀ ,ସରକାରୀ କର୍ମଚାରୀମାନେ ବ୍ୟାଙ୍କ ସହ ସୁସମ୍ପର୍କ ରଖିବା ନେଇ କୁହାଯାଇଥିଲା । ଏହି ଅବସରରେ ମହିଳାମାନଙ୍କୁ ନେଇ ଏକ ଝୋଟି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମମତା ପ୍ରଧାନ ମୁଖ୍ୟଅତିଥି, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୟଲାଲ ନାୟକ ସମ୍ମାନିତ ଅତିଥି, ପୂର୍ବତନ ସରପଞ୍ଚ ଦୟାନିଧି ପାତ୍ର, ଓଟିଏଲ୍‌ପିର କର୍ମଚାରୀ ଅକ୍ଷୟ କୁମାର ରଥ, ଡାଙ୍ଗସୋରଡା ଥାନା ଅଧିକାରୀ ଧନୁର୍ଜୟ ଦଳେଇ, ବରିଷ୍ଠ ଶିକ୍ଷକ ଲୋକନାଥ ସାହୁ, ବ୍ୟାଙ୍କର କୋଷାଧ୍ୟକ୍ଷ ଭବାନୀ ଶଙ୍କର ସାହୁ, ରବିନ୍ଦ୍ର ନାଥ ପଣ୍ଡା, ପଞ୍ଚାନନ ମାଳବିଶୋଇ, ବିଜୟାନନ୍ଦ ଦାସ, ପଙ୍କଜ ଦଣ୍ଡସେନା, ରଣା ପ୍ରଧାନୀ, ସସ୍ମିତା ଦଣ୍ଡସେନା ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ବ୍ୟାଙ୍କର ଶାଖା ପରିଚାଳକ ଶଙ୍କର ଦାସ ସଂଯୋଜନା କରିଥିଲେ । ଶେଷରେ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ମୃତ ସ୍ମରଣିକା ଗଗେରେଙ୍ଗାଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ଗଗେରେଙ୍ଗାଙ୍କୁ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା ।

# ଆଧୁନିକତାରେ ହଜିଯାଉଛି ଜୀବିକା

**ରାୟଗଡ଼ା ଅଫିସ,୧।୧୧**

## ମିଳୁନି ପ୍ରୋତ୍ସାହନ

- ଟେରାକୋଟା କାମ ପାଇଁ ଅମ୍ଲାପେଟା ଗ୍ରାମ ପରିଚିତ
- ୧୩ ଘଣ୍ଟା ପରିଶ୍ରମ କଲେ ମିଳୁଛି ମାତ୍ର ୧୫୦ରୁ ୨୦୦ ଟଙ୍କା
- ୮୦ ପରିବାର କରୁଛନ୍ତି ଏହି କାମ

ଆଜିର ଆଧୁନିକ ଯୁଗରେ ଲୋକେ ପ୍ଲାଷ୍ଟିକ୍ ନିର୍ମିତ ଦ୍ରବ୍ୟ ପ୍ରତି ଅଧିକ ଆକୃଷ୍ଟ ହେଉଛନ୍ତି । ଯାହାଦ୍ୱାରା ମାଟି କାମ କରୁଥିବା ବ୍ୟବସାୟୀମାନେ ନିଜର ଜୀବିକା ହରାଉଛନ୍ତି । ସରକାରଙ୍କ ତରଫରୁ କୌଣସି ପ୍ରୋତ୍ସାହନ ମିଳୁ ନ ଥିବାରୁ ଏମାନେ ଏବେ ଅବହେଳିତ ହୋଇ ରହିଛନ୍ତି ।

ରାୟଗଡା ଜିଲା ରାୟଗଡ଼ା ବ୍ଲକ ପେଣ୍ଟା ପଞ୍ଚାୟତ ଅମ୍ଲାପେଟା ଗ୍ରାମ ଟେରାକୋଟା କାମ ପାଇଁ ପ୍ରସିଦ୍ଧି ଲାଭ କରିଛି । ଏହି ଗ୍ରାମରେ ପ୍ରାୟ ୮୦ ପରିବାର ଏଇ ଟେରାକୋଟା କାମ ବାପା ଜେଜେ ବାପାଙ୍କ ଅମଳରୁ କରି ଆସୁଛନ୍ତି । ୧୫ ବର୍ଷ ତଳେ ଏହି କାମ କରିବାକୁ ସରକାରଙ୍କ ପକ୍ଷରୁ ଉକ୍ତ ଗ୍ରାମର ୬୦ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ସେମାନଙ୍କ ହାତ ତିଆରି ଦ୍ରବ୍ୟଗୁଡ଼ିକର ରାଜ୍ୟ ଓ ରାଜ୍ୟ ବାହାରେ ପ୍ରଶଂସାର ପାତ୍ର ପାଲଟିଥିଲା । ଏହି କାମ ଶିଖି ଗ୍ରାମର କେତେ ଜଣ ବ୍ୟକ୍ତି ପୁରସ୍କୃତ ମଧ୍ୟ ହୋଇଥିଲେ । କିନ୍ତୁ ଆଜି ଦିନକୁ ୧୫୦ ଟଙ୍କାରେ ହିଁ ସେମାନେ ସିମୀତ ରହିଲେ । ସେମାନଙ୍କର କୌଣସି ବିକାଶ ହେଲା ନାହିଁ । ଏବେ ସେମାନେ ଜୀବିକା ହରାଇଥିବା କହିଛନ୍ତି । ୧୫ ବର୍ଷ ପୂର୍ବେ ୬୦ ଘରକୁ ୨୦ ଟି ଚକ ପ୍ରଦାନ କରାଯାଇଥିଲା । ଗ୍ରାମର ପ୍ରାୟ ୧୦୦ ଜଣ ଏହି କାମ କରୁଛନ୍ତି । ୧୩ ଘଣ୍ଟା ପରିଶ୍ରମ କଲେ ସେମାନଙ୍କୁ ମିଳୁଛି ମାତ୍ର ୧୫୦ ରୁ ୨୦୦ ଟଙ୍କା । ନାଗାବଳୀ ନଦୀରୁ ମାଟି ଆଣି ଚକଟି ସେଥିରେ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରସ୍ତୁତ କରନ୍ତି । କଳସ, ଫୁଲଦାନୀ.କୁମ୍ଭି,ଫୁଲଦାନି, ଫୁଲ ସଜାଇବା ପାତ୍ର , ନାନ ରୋଟି ବନାଇବା ଷ୍ଟାଣ୍ଡ,ଗଛ ଲଗାଇବା ପାତ୍ର,ହାତୀ, ଘୋଡ଼ା, ତୁଳସୀ ଚଉଁରା,ସବୁ ଦେବଦେବୀଙ୍କ ମୂର୍ତ୍ତି କରିଥାନ୍ତି ସେମାନେ । ମାଟି ମୂର୍ତ୍ତୀ ଏବଂ ମାଟିରେ ତିଆରି ଦ୍ରବ୍ୟ ପରିବେଶକୁ ପ୍ରଦୂଷିତ କରେ ନାହିଁ । ବଜାରରେ ମିଳୁଥିବା ରାସାୟନିକ ପଦାର୍ଥ ମିଶ୍ରିତ ଦ୍ରବ୍ୟ କ୍ୟାଣ୍ଡେଲ , ପ୍ଲାଷ୍ଟିକ ଦୀପ,ଚୁମକି ଆକର୍ଷଣୀୟ ଦେଖାଯାଏ ସତ, ହେଲେ ତାହା ପରିବେଶ କୁ ଦୂଷିତ କରିଥାଏ । ପୂର୍ବରୁ କୌଣସି ମୂର୍ତ୍ତି ଲାଗି ଲୋକେ ଅର୍ଡ଼ର ଦେଉଥିଲେ । ହେଲେ ଏହା ଏବେ ଧୀରେ ଧୀରେ କମିଗଲାଣି । ମାଟି ଦୀପ ୧ ଟଙ୍କାରୁ ଆରମ୍ଭ କରି ନାନ ତିଆରି ଷ୍ଟାଣ୍ଡ ୧୦୦୦ ଟଙ୍କାରେ ବିକ୍ରି କରିଥାନ୍ତି । ଯାହା ସବୁଦିନ ବିକ୍ରି ହୁଏନାହିଁ । ଏଠାରେ ସେଡ଼ର ବ୍ୟବସ୍ଥା କରାଯାଇଥିଲା । ତାହା ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଟିଣ ଛାତ ଫାଟି ନଷ୍ଟ ହୋଇଯାଇଥିବାରୁ ବର୍ଷା ପାଣି ପଡ଼ି ସବୁ ମାଟି ଦ୍ରବ୍ୟ ନଷ୍ଟ ହୋଇଯାଉଛି । ଏହି ମାଟି ଦ୍ରବ୍ୟକୁ ବିକ୍ରି କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରଦର୍ଶନୀକୁ ପଠାଯାଏ , ହେଲେ ଦୈନିକ ବଜାରର କୌଣସି ବ୍ୟବସ୍ଥା ନାହିଁ । ଗ୍ରାମରେ ଏକ ହାଟର ବ୍ୟବସ୍ଥା ଥିଲା, କିନ୍ତୁ ମାତ୍ରାଧିକ ଗୋରୁ ବ୍ୟବସାୟୀ ହୋଇଥିବାରୁ ତାହା ବିଗତ ୮ ବର୍ଷ ହେଲା ବନ୍ଦ ହୋଇଯାଇଛି । ମାଟି ଦ୍ରବ୍ୟକୁ ରଖିବାକୁ ସରକାରଙ୍କ ପକ୍ଷରୁ ଉଚିତ ଜାଗା ନାହିଁ ଯାହା ଦ୍ୱାରା ଅନେକ କ୍ଷତି ସହିବାକୁ ପଡୁଛି । କିଛି ମାସ ପୂର୍ବେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଉକ୍ତ ଗ୍ରାମକୁ ଯାଇ ବୁଲି ଦେଖିଥିଲେ । ଭଙ୍ଗା ସେଡ଼ ଦେଖି ଏହାର ମରାମତି ପାଇଁ କହିଥିଲେ ।

ସେହିପରି ପୂର୍ବତନ ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କ ସମୟରୁ ସେଡ଼ର ବ୍ୟବସ୍ଥା ପାଇଁ ଅନେକ ଥର ପ୍ରସ୍ତାବ ଦିଆଯାଇଥିଲେ ସୁଧା ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ମରାମତି ହୋଇନାହିଁ । କାରିଗର ଟି ଶଙ୍କର ରାଓ (୪୫) କହିଛନ୍ତି ଯେ, ୧୦ ମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ଏ କାମ ପ୍ରତି ରୁଚି ରଖିଥିବାରୁ ୧୫ ବର୍ଷ ତଳେ ଏକାମ କରିବାକୁ ଟ୍ରେନିଂ ନେଇଥିଲି । ଆମ ପିଢ଼ି ପରେ ଏ କାମ ଲୋପ ପାଇବାର ସମ୍ଭାବନା ରହିଛି । ସରକାରଙ୍କ କୌଣସି ସହାୟତା ମିଳୁନି କି ପ୍ରୋତ୍ସାହନ ମଧ୍ୟ ନାହିଁ । ସେହିପରି ବି .ରାବଣାମା (୩୫) କହିଛନ୍ତି ଯେ, ଅମ୍ଲାଭଟାରେ ଆମ ପାଇଁ କୌଣସି ନିର୍ଦ୍ଦିଷ୍ଟ ବଜାରର ବ୍ୟବସ୍ଥା ନାହିଁ । ଯାହାଦ୍ୱାରା ସାହି ସାହି ବୁଲି ଯାହା ବିକୁଛୁ । ଆମ ଗ୍ରାମରୁ ୩୦ ରୁ ୪୦ କିମି ଯାଇ ବିକିବାକୁ ପଡୁଛି ଏଥିରେ ଭଡ଼ା କରି ଗଲେ ୩୦୦ ଟଙ୍କା ଖର୍ଚ୍ଚ ହେଉଛି । ନିକଟସ୍ଥ ଜେକେପୁରରେ ଖୋଲା ଛାତ ତଳେ ବସି ବିକୁଛୁ । ବର୍ଷା ହେଲେ ଅନେକ ହଇରାଣ ହେଉଛୁ ବୋଲି କହିଛନ୍ତି । ପି . ଦଳେୟା (୫୬) କୁହନ୍ତି, ସରକାର ଙ୍କ ତରଫରୁ ପ୍ରୋତ୍ସାହନର ଆବଶ୍ୟକ ରହିଛି । ଅନ୍ୟ ସବୁ ସହରରେ ଟେରାକୋଟା ଶିଳ୍ପୀ ଅନେକ ପ୍ରକାର ସୁବିଧା ପାଉଛନ୍ତି । ଆମେ ସେଥିରୁ ବଞ୍ଚିତ । ବାରମ୍ବାର ଜଣାଇବା ସତ୍ତ୍ୱେ ସେଡ଼୍‌କୁ ଠିକ୍ କରାଯାଉନି । ଏନେଇ ଶିଳ୍ପ ବିଭାଗ ଅଧିକାରୀ ସବ୍ୟସାଚୀ ସାହୁ ଙ୍କୁ ପଚାରିବାରୁ, ସେଡ଼ ପାଇଁ ଧାର୍ଯ୍ୟ ହୋଇଥିବା ଟଙ୍କା ଡ଼ିଆରଡ଼ିଏ ବିଭାଗରୁ ପ୍ରଦାନ କରାଯିବ ବୋଲି ଉଭୟ ମନ୍ତ୍ରୀ ଏବଂ ପୂର୍ବତନ ଜିଲାପାଳ ଗୁହା ପୁନମ ତାପସ କୁମାର କହିଥିଲେ । କିନ୍ତୁ ଡ଼ିଆରଡ଼ିଏରୁ ଆମକୁ ଏ ନେଇ କୌଣସି ସୂଚନା ନାହିଁ । ଶୀଘ୍ର ଏନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।



ଭାଙ୍ଗିଯାଇଥିବା ସେଡ୍ ।

# ଲଳିତାଦେଇପୁର ଗାଁରୁ ବାଜିବ ମଣ୍ଡେଇ ବିଗୁଲ

ନବରଙ୍ଗପୁର,୧।୧୧(ବି.ପ୍ର.)

ନବରଙ୍ଗପୁରର ଲୋକ ମହୋତ୍ସବ ମଣ୍ଡେଇ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଡ. ଅଜିତ କୁମାର ମିଶ୍ର ଏହାର ଅଧ୍ୟକ୍ଷତା କରିଥିଲେ। ଡିସେମ୍ବର ୧୩,୧୪ ଓ ୧୫ ତିନି ଦିନ ଧରି ଜିଲାସ୍ତରୀୟ ମଣ୍ଡେଇ ମହୋତ୍ସବ ଅନୁଷ୍ଠିତ ହେବ।

ଡିସେମ୍ବର ୧ରେ ନବରଙ୍ଗପୁର ବ୍ଲକ ଅଧୀନ ଲଳିତା ଦେଇପୁର ଶାସନ ଗାଁ ଶୈବ ପୀଠରୁ ମଣ୍ଡେଇ ବିଗୁଲ୍ ବାଜିବ। ଏହା ପରେ ୨ରୁ ୧୦ ତାରିଖ ପର୍ଯ୍ୟନ୍ତ ବ୍ଲକସ୍ତରୀୟ ମଣ୍ଡେଇ ଅନୁଷ୍ଠିତ ହେବ। ସେହିଭଳି ୨ରୁ ୭ ତାରିଖ ମଧ୍ୟରେ ଜିଲାସ୍ତରୀୟ ମଣ୍ଡେଇ ମଞ୍ଚ ନାଟକ ମହୋତ୍ସବ କରାଯିବ। ଚଳିତ ବର୍ଷ ମଣ୍ଡେଇ ପଡିଆ ସ୍ଥାନ ପରିବର୍ତ୍ତନ କରାଯାଇ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନିକଟ ପଡିଆରେ ଅନୁଷ୍ଠିତ ହେବ। ସେହିଭଳି ମଞ୍ଚ ନାଟକ ପୋଲି ପଡିଆ(ମଣ୍ଡେଇ ପଡିଆ)ରେ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ମଣ୍ଡେଇ ପାଳନ ପାଇଁ ବିଭିନ୍ନ ୧୬ କମିଟି ଗଠନ କରାଯାଇଛି। ମଞ୍ଚ ନାଟକରେ ପୁରୁଣା କଳାକାରଙ୍କୁ ଉପେକ୍ଷା କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଅତି ନିମ୍ନମାନର ଶ୍ରଦ୍ଧାର ପ୍ରତୀକ ପ୍ରଦାନ କରାଯାଉଥିବା ନେଇ କଳାକାରମାନେ ଅଭିଯୋଗ କରିଥିଲେ। ଜିଲା ବାହାର କଳାକାରମାନଙ୍କୁ ସମ୍ମାନିତ କରାଯାଉଛି। ଚଳିତ ବର୍ଷ ଜିଲାର ବର୍ଷିୟାନ କଳାକାରଙ୍କୁ ସମ୍ମାନିତ କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଜିଲାପାଳ କହିଥିଲେ। ଡିସେମ୍ବର ୧ ତାରିଖ ସୁଦ୍ଧା ମଣ୍ଡେଇ ମଞ୍ଚ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକ ରାସ୍ତା ନିର୍ମାଣ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମଞ୍ଚ ନାଟକ ପରିଚାଳନା ଦାୟିତ୍ୱ ସମସ୍ତ ବ୍ଲକ ବିଡିଓ ଓ ପୌର ପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦିଆଯାଇଛି। ମଣ୍ଡେଇ ପାଳନ ପାଇଁ ଅର୍ଥ, ଖାଦ୍ୟ, ମଞ୍ଚ କଳା, ପରିବହନ, ସ୍ମରଣୀକା, ମଞ୍ଚ ନାଟକ, ଶୋଭାଯାତ୍ରା, ଅଭ୍ୟର୍ଥନା, ପ୍ରଚାର କମିଟି ସହ ସବ କମିଟି ଗଠନ କରାଯାଇଛି। ମଣ୍ଡେଇ ଶାନ୍ତି ଶୃଙ୍ଖଳାର ସହ ଶେଷ କରାଯିବା ପାଇଁ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଏସ୍‌ପି ନିତୀନ କୁସାଲକର କହିଛନ୍ତି। ଜିଲା କ୍ରିଡାଧିକାରୀ ମହେନ୍ଦ୍ର କୁମାର ସାହୁ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୁତାର, ଜିଲାପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଉପଜିଲାପାଳ ଭାସ୍କର ରଇତ, ସିଡିଏମଓ ସନ୍ତୋଷ କୁମାର ସ୍ୱାଇଁ, ବିଧାୟକ ପ୍ରତିନିଧି ଯୋଗେନ୍ଦ୍ର ସ୍ୱାଇଁ ମଞ୍ଚାସୀନ ଥିଲେ। ଏଥିସହ ଆଇନଜୀବୀ ଉମାଶଙ୍କର ତ୍ରିପାଠୀ,ଝାଡେଶ୍ୱର ଖାଡଙ୍ଗା, ବଣିକ ସଂଘ ସଭାପତି ସୁଶିଲ ଜୈନ, ମୁନା ତ୍ରିପାଠୀ, ବିଜୟ କୁମାର ଚୌଧୁରୀ, ସ୍ୱେଚ୍ଛାସେବୀ ଜଗନ୍ନାଥ ମହାପାତ୍ର, ଜେମାମଣି ବିଷୋୟୀ, ମନରମା ମାଝୀ, ସୁଷମା ଜୈନ, ପ୍ରଭାସିନୀ ମହାନ୍ତି, କଳାକାର ରାମ ସିଂ, ଦେବଦାଶ ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ।


ବୈଠକରେ ଅଧିକାରୀ ଓ ଅନ୍ୟମାନେ।

**ପ୍ରସ୍ତୁତି ବୈଠକ**
- ଆସନ୍ତା ୧ରୁ ବ୍ଲକସ୍ତରୀୟ ମଣ୍ଡେଇ
- ଡିସେମ୍ବର ୧୩ରୁ ୩ ଦିନ ଚାଲିବ ଜିଲାସ୍ତରୀୟ କାର୍ଯ୍ୟକ୍ରମ
- ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ନିକଟ ପଡିଆରେ ହେବ ମଣ୍ଡେଇ ମଞ୍ଚ

## ସଂକ୍ଷେପରେ

### ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ନିଲମ୍ବନ ପ୍ରତ୍ୟାହାର ଦାବି

ନବରଙ୍ଗପୁର,୧।୧୧(ବି.ପ୍ର.)- ନିଲମ୍ବିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ଦେଇ ଶିକ୍ଷକ ସମସ୍ୟାର ସମାଧାନ କରିବାକୁ ଅବିଭକ୍ତ କୋରାପୁଟ ଜିଲା ମୂଳନିବାସୀ ବିକାଶ ପରିଷଦର ଅଧ୍ୟକ୍ଷ ଚନ୍ଦ୍ର ଧ୍ୱଜ ମାଝି ଜିଲାପାଳଙ୍କୁ ଲିଖିତ ଭାବେ ଚିଠି ନମ୍ବର ୦୭/୨୦୧୯-୨୦ରେ ଜଣାଇଛନ୍ତି। ନବରଙ୍ଗପୁର ଜିଲା କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ମାନିଗାଁ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଭାସିନୀ କର୍କରା ଓ ସହକାରୀ ଶିକ୍ଷକ କେଦାର ସ୍ୱାଇଁ ଏବଂ ଧନଶୁଲି ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷକ ନବ କିଶୋର ମାଟିଙ୍କୁ ନିଲମ୍ବନ କରାଯାଇଛି। ଜିଲାର ଶିକ୍ଷା ସମସ୍ୟାକୁ ଦୃଷ୍ଟିରେ ରଖି ଜିଲାପାଳ ସେମାନଙ୍କ ନିଲମ୍ବନ ପ୍ରତ୍ୟାହାର କରିବାକୁ ପରିଷଦ ପକ୍ଷରୁ ଚିଠିରେ ଦର୍ଶାଯାଇଛି।

### ଧାନ ଫସଲରେ ପୋକ

ଚନ୍ଦାହାଣ୍ଡି,୧।୧୧(ଡି.ଏନ୍.ଏ.)- ଚନ୍ଦାହାଣ୍ଡି ବ୍ଲକରେ ଧାନରେ ପୋକ ଲାଗି ଫସଲ ନଷ୍ଟ ହେଉଛି। ଚକଡା ପୋକ ଲାଗି କିଛି ଚାଷୀଙ୍କ ଧାନ ଫସଲ ନଷ୍ଟ ହେଉଥିବା ବେଳେ ଏବେ ଧାନ ପାଚିବା ସମୟରେ ପୋକ ଲାଗିଥିବା ଚାଷୀ ଅଭିଯୋଗ କରିଛନ୍ତି। ମୋହରା ପଞ୍ଚାୟତ ଅନ୍ତର୍ଗତ ପୂଜାରୀଗୁଡା ଗ୍ରାମର ପ୍ରଦୀପ ସାହୁଙ୍କ ଅଧା ଏକର ଜମିର ଧାନ ଫସଲରେ ପୋକ ଲାଗିଯାଇଥିବାରୁ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ସେ ଅଭିଯୋଗ କରିଛନ୍ତି। ପୋକ ଦମନ ପାଇଁ ଔଷଧ ଆଣି ସିଞ୍ଚନ କରିଥିଲେ ମଧ ଏବେ ତାଙ୍କ ଜମିରୁ କିଛି ଧାନ ଅମଳ ହେବନି ବୋଲି ଜଣାପଡିଛି। ସେହିଭଳି ମୋହରା ପଞ୍ଚାୟତରେ ବହୁ ଚାଷୀଙ୍କ ପାଚିଲା ଧାନରେ ପୋକ ଲାଗିଥିବାରୁ କୃଷି ବିଭାଗ ଅଧିକାରୀ ଦୃଷ୍ଟି ଦେବା ପାଇଁ ଚାଷୀମାନେ ଅନୁରୋଧ କରିଛନ୍ତି।

### ଚିତ୍ରାଙ୍କନ ପ୍ରତିଯୋଗିତା



ଡାବୁଗାଁ, ୧।୧୧ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡୁମୁଣିଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଡୁମୁଣିଗୁଡା ସଞ୍ଜରୀ ଏଚ୍‌ପି ଗ୍ୟାସ ଗ୍ରାମୀଣ ବିତରଣ କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ଏହି ପ୍ରତିଯୋଗୀତାରେ ଲୀନା ପୂଜାରୀ ପ୍ରଥମ, ଦିଶା ସିଂ ଦ୍ୱିତୀୟ ଓ ଟଭା ଜାନୀ ତୃତୀୟ ହୋଇଛନ୍ତି। ଏବିଡିଓ ମହେଶ ଚନ୍ଦ୍ର ଶାହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଡାବୁଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଧନସିଂ ତନ୍ତୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେଶର ମାଝୀ, ଡୁମୁଣିଗୁଡା ସଞ୍ଜରୀ ଏଚ୍‌ପି ଗ୍ୟାସ ଗ୍ରାମୀଣ ବିତରକ ମହମ୍ମଦ ଅଖିଲ, ପ୍ରଧାନଶିକ୍ଷୟିତ୍ରୀ ଇ. ସରୋଜିନୀ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ସ୍କୁଲ ପରିଚାଳନା କମିଟି ସଭ୍ୟା ସଭ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗୋ ସମ୍ବର୍ଦ୍ଧନା ଉତ୍ସବ



ଉମରକୋଟ, ୧।୧୧ (ଡି.ଏନ୍.ଏ.)- ଉମରକୋଟ ବ୍ଲକ ମୁର୍ତ୍ତୁମାରେ ୬୮ତମ ଗୋ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଗାଈମାନଙ୍କ ଏକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହିଠାରେ ଭିନ୍ନ ଭିନ୍ନ କିସମର ଗାଈ ଦେଖିବାକୁ ମିଳିଥିଲା। ତିନି ଗାଈ ସହ ଜଣେ ଗୋପାଳକଙ୍କୁ ପୁରସ୍କୃତ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ବ୍ଲକ ଅଧ୍ୟକ୍ଷ ଲାଇବନ ଭକ୍ତ, ଉପାଧ୍ୟକ୍ଷା ଜୟନ୍ତୀ କିର୍ତ୍ତନୀୟା, ସରପଞ୍ଚ ପରେଶ ପୂଜାରୀ, ଜିଲା ପ୍ରାଣୀ ସମ୍ପଦ ଅଧିକାରୀ ନାରାୟଣ ବେହେରା, ଗୋଷ୍ଠୀ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରକାଶ ମହାନ୍ତି, ରଶ୍ମିତା ମାଳୀ, ସ୍ୱର୍ଣ୍ଣମୟୀ ପତି ଏସ୍. ଏସ୍. ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚାଷୀମାନେ ଉପସ୍ଥିତ ରହି ଗୋପାଳନ ସମ୍ପର୍କରେ ଶିକ୍ଷା ନେଇଥିଲେ।

# ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା


ଜଣେ ହିତାଧିକାରୀଙ୍କୁ ପଟ୍ଟା ଦିଆଯାଉଛି।

କୋଡିଙ୍ଗା, ୧।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଡିଙ୍ଗା ତହସିଲ କାର୍ଯ୍ୟାଳୟରେ ଶୁକ୍ରବାର ଜଙ୍ଗଲ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ କରାଯାଇଛି। ଦୀର୍ଘଦିନ ଧରି ଜଙ୍ଗଲ ଭିତରେ ଘର କରି ରହି ଆସୁଥିବା ଆଦିବାସୀ ଶ୍ରେଣୀର ଲୋକମାନଙ୍କୁ ଥଇଥାନ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ଜଙ୍ଗଲ ନିୟମ ଅନୁଯାୟୀ ଘରବାଡି, ଚାଷଜମି ପଟ୍ଟା ଦିଆଯାଇଛି। ଏହି କ୍ରମରେ ନୁନପାଣି ଓ କୁଜାଗୁଡ଼ା ଗାଁର ୩୦ ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଛି। କୋଡିଙ୍ଗା ତହସିଲଦାର ସବ୍ୟସାଚୀ ଜେନା ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିଥିଲେ। ରାଜସ୍ୱ ସୁପରଭାଇଜର ଏ.ଭୂପତି, ମୁଖ୍ୟ କିରାଣୀ ବାଳକୃଷ୍ଣ ପାଣିଗ୍ରାହୀ, ବରିଷ୍ଠ କିରାଣି ଏସ୍. ଜିଗଦୀଶ ଏବଂ ଆର୍‌ଆଇ ବିଶ୍ୱଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟାଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟାଙ୍କ କର୍ମଚାରୀ ଓ ଅନ୍ୟମାନେ।

ଝରିଗାଁ,୧।୧୧(ସ୍ୱ,ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଏକମ୍ବା ପଞ୍ଚାୟତସଦରଠାରେପଞ୍ଜାବନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଉମରକୋଟ ଶାଖା ତରଫରୁ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶାଖା ପରିଚାଳକ ବିଶ୍ୱଜିତ ପଟେଲ ଏବଂ କ୍ଷେତ୍ରାଧିକାରୀ ସୁରଜ କୁମାର ମହାପାତ୍ର ଯୋଗଦେଇଥିଲେ। ସ୍ଥାନୀୟ ହାଇସ୍କୁଲର ଛାତ୍ରୀଛାତ୍ର ଏବଂ ଗ୍ରାମବାସୀଙ୍କୁ ବ୍ୟାଙ୍କର ଉପକାରିତା ସମ୍ପର୍କରେ କହିବା ସହ ବ୍ୟାଙ୍କରେ ରହିଥିବା ଖାତାଧାରୀ ନିଜ ଏଟିଏମ୍ ସମ୍ପର୍କରେ କାହାକୁ ବିବରଣୀ ପ୍ରଦାନ ନ କରିବା ନେଇ ଗୁରୁତ୍ୱାରୋପ କରିଥିଲେ। ସେହିପରି ବ୍ୟାଙ୍କରେ ଖାତା ଖୋଲିବାଠାରୁ କାରବାର ସକାଶେ କିପରି ବିଭିନ୍ନ ହିତାଧିକାରୀ ଚାଷ କିମ୍ବା ବ୍ୟବସାୟରେ ଲାଭବାନ ହୋଇଥାନ୍ତି ସେ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ବ୍ୟାଙ୍କ ନାମରେ ଆସୁଥିବା ମିଛ ଫୋନ୍ କଲକୁ ସର୍ବଦା ଦୂରେଇ ରହିବା ନେଇ ବ୍ୟାଙ୍କ ଅଧିକାରୀମାନେ ପ୍ରକାଶ କରିଥିଲେ। ଏହାପରେ ବ୍ୟାଙ୍କ ତରଫରୁ ଚିଟାବେଡା ପଞ୍ଚାୟତ ଡୁମରପଦର ଗ୍ରାମରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ୱେଚ୍ଛାସେବୀ ମହାନନ୍ଦ ମହାଲିକ, ଧନେଶ୍ୱର ମାଳିଙ୍କ ସହ ବ୍ୟାଙ୍କର କର୍ମଚାରୀ ଚୈତନ୍ୟ ପନକା ପ୍ରମୁଖ ଉପସ୍ଥିତ ରହି ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ‘ଦୁର୍ନୀତିଗ୍ରସ୍ତ ଲୋକ ଦେଶଦ୍ରୋହୀ’

ନବରଙ୍ଗପୁର,୧।୧୧(ବି.ପ୍ର.)

ଜିଲା ଭିଜିଲାନ୍ସ ବିଭାଗ ପକ୍ଷରୁ ଭିଜିଲାନ୍ସ ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ରାମ ମନ୍ଦିରଛକରୁ ଏକ ଶୋଭାଯାତ୍ରା ବାହାରି ଏକ୍ସବୋର୍ଡ ସ୍କୁଲ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ ସଚେତନତା ସ୍ଲୋଗାନ ଦେଇଥିଲେ। ଦୁର୍ନୀତି ହଟାଇବାକୁ ଜିଲାପାଳ ଅଜିତ କୁମାର ମିଶ୍ର ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ପରେ ସ୍ଥାନୀୟ ମିଶନ ଶକ୍ତି ହଲରେ ଏକ ଜିଲାସ୍ତରୀୟ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଭିଜିଲାନ୍ସ ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଦୁର୍ନୀତିକୁ ଗଣମାଧ୍ୟମ ଜଗିଛି ବୋଲି ସେ କହିଥିଲେ। ସଚେତନ ହେଲେ ଦୁର୍ନୀତି ହଟିବ ବୋଲି ଏସ୍‌ପି ନିତୀନ କୁସାଲକର କହିଥିଲେ। ଦୁର୍ନୀତିଗ୍ରସ୍ତ ଲୋକ ଦେଶଦ୍ରୋହୀ ବୋଲି ନବରଙ୍ଗପୁର ମହାବିଦ୍ୟାଳୟ ଅବସର ପ୍ରାପ୍ତ ଅଧ୍ୟକ୍ଷ ରାଧନାଥ ବେହେରା କହିଥିଲେ। ଅର୍ଥ ଓ କ୍ଷମତା ହାସଲ ପାଇଁ ଦୁର୍ନୀତି ବଢୁଛି। ଗଣମାଧ୍ୟମ ଦୁର୍ନୀତି ରୋକିବାକୁ ଉଦ୍ୟମ କରୁଥିବା ଅବସରପ୍ରାପ୍ତ ଅଧ୍ୟାପକ ବିଜୟ କୁମାର ମିଶ୍ର କହିଥିଲେ। ଜିଲା ଆଇନଜୀବୀ ସଂଘ ସଭାପତି ନରସିଂହ ନାଥ ତ୍ରିପାଠୀ ଦୁର୍ନୀତି ନିବାରଣର ଆଇନ ଓ ଏହା ଦଣ୍ଡ ସମ୍ପର୍କରେ ଅବଗତ କରାଇଥିଲେ। ଆୟବର୍ହିଭୂତ ସମ୍ପତ୍ତିଠୁଳ, ଲାଞ୍ଚ ଗ୍ରହଣ ଓ ନିୟମର ଖିଲାପ କଲେ କେଉଁସବୁ ଦଣ୍ଡ ବିଧାନ ରହିଛି ସେ ସମ୍ପର୍କରେ ଆଲୋଚନା କରାଯାଇଛି। ଭିଜିଲାନ୍ସ ଡିଏସ୍‌ପି କିଶୋର କୁମାର ପାତ୍ର ଏହି ସଚେତନତା ସପ୍ତାହ ପାଳନ ସମ୍ପର୍କରେ କହିବା ସହ ଲାଞ୍ଚ ଦେବା ଓ ନେବା ଧର୍ତ୍ତବ୍ୟ ଅପରାଧ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ଭାବ ନେଇଥିବା କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୁତାର, ଉପଜିଲାପାଳ ଭାସ୍କର ରଇତୋ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ବିଇଓ ଚିତ୍ତରଞ୍ଜନ ପାଣିଗ୍ରାହୀ, ସାହିତ୍ୟିକ ନାରାୟଣ ପଣ୍ଡା, ଜେମାମଣି ବିଷୋୟୀ, ଭିଜିଲାନ୍ସ ଇନ୍ସପେକ୍ଟରଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ନେହେରୁ ଯୁବ କେନ୍ଦ୍ର ଜିଲା ସଂଯୋଜକ, ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ଦୁର୍ନୀତି ହଟାଇବାକୁ ଶପଥ ନେଉଛନ୍ତି।

## ଗିରି ଗୋବର୍ଦ୍ଧନ ଉତ୍ସବ ଶେଷ

ଚନ୍ଦାହାଣ୍ଡି,୧।୧୧(ଡି.ଏନ୍.ଏ.)–

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ହଳଦୀ ଗ୍ରାମରେ ପାଞ୍ଚ ଦିନ ଧରି ଚାଲିଥିବା ଗିରି ଗୋବର୍ଦ୍ଧନ ପୂଜା ଶୁକ୍ରବାର ଶେଷ ହୋଇଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଘୁମୁରା ନୃତ୍ୟ ପରିବେଷଣ କରାଯାଇଥିଲା। ଡମ୍ବରୁ ଧର ବାଘ ଏବଂ ତାଙ୍କ ସ୍ତ୍ରୀ ଗୌରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟଅତିଥି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ, ଜିଲା ସଂଯୋଜକ ପ୍ରମୋଦ କୁମାର ପାଢ଼ୀ, ସରପଞ୍ଚ ଲୀମନ ମାଝି, ସମିତି ସଭ୍ୟା ସନ୍ଧ୍ୟାରାଣୀ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସହଦେବ ବାଘ, ଗୁଷ୍ଟୁ ବାଘ, କମଲୁ ବାଘ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାଛଚାଷ ତାଲିମ ଶିବିର

ଚନ୍ଦାହାଣ୍ଡି, ୧।୧୧(ଡି.ଏନ୍.ଏ.)

ଚନ୍ଦାହାଣ୍ଡି ବ୍ଲକ ସଭାଗୃହଠାରେ କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା (ସିଫା)ପକ୍ଷରୁ ମାଛଚାଷ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ସାମାଜିକ କର୍ମୀ ଶ୍ୟାମସୁନ୍ଦର ମାଝି ଶିବିର ପରିଚାଳନା କରିଥିବାବେଳେ ଭୁବନେଶ୍ୱର ସିଫାର ବରିଷ୍ଠ ବୈଜ୍ଞାନିକ ଡା. ନାଗେଶ କୁମାର ବାରିକ, ପ୍ରଧାନ ବୈଜ୍ଞାନିକ ଡା ଶୁଭ୍ରାଂଶୁ ଶେଖର ମିଶ୍ର, ବୈଜ୍ଞାନିକ ଡା ଖୁଣ୍ଟିଆ ମୁର୍ମୁ ସହକାରୀ ଅନୁସନ୍ଧାନ ବିଶେଷଜ୍ଞ ଅଭିରାମ ପାଇକରାୟ, ସହକାରୀ ଅନୁସନ୍ଧାନ ସହାୟକ ସୁମନ୍ତ ବେହେରା, ଜିଲା ମତ୍ସ୍ୟାଧିକାରୀ କୁଅଁର ମାରାଣ୍ଡି, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ବ୍ଲକ ମତ୍ସ୍ୟାଧିକାରୀ ବିକାଶ କୁମାର ପଟେଲ, ପୂର୍ବତନ ସରପଞ୍ଚ ସୁଶାନ୍ତ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ମାଛଚାଷୀଙ୍କ ଆର୍ଥିକ ବିକାଶ ପାଇଁ ଏହି ତାଲିମ ଦିଆଯାଉଛି। ଏଥିସହ ମାଗଣାରେ ଉନ୍ନତ ମାଛ ବିହନ ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି। କମ୍ ଖର୍ଚ୍ଚରେ ବୈଜ୍ଞାନିକ ପଦ୍ଧତିରେ ବିଭିନ୍ନ ପ୍ରକାର ଦେଶୀ ମାଛ ସହ ଉନ୍ନତ କିସମର ମାଛଚାଷ କରି ସଫଳ ହେବା ପାଇଁ ଚାଷୀଙ୍କୁ ଅତିଥିମାନେ ବୁଝାଇ ଥିଲେ। ଏଥିସହ ଫାର୍ମରେ ମାଛ ଖାଦ୍ୟ ପ୍ରସ୍ତୁତି, ମାଛକୁ ହେଉଥିବା ରୋଗର ପ୍ରତିକାର ସହ ଉନ୍ନତମାନର ଯାଆଁଳ ଉତ୍ପାଦନ କରିବାକୁ ସେ ଚାଷୀଙ୍କୁ ବୁଝାଇଥିଲେ। ଚାଷୀଙ୍କ ଜମି ଥିଲେ ସରକାର ଏମ୍‌ଜିଏନ୍‌ଆରଇଜିଏସ୍‌ରେ ପୋଖରୀ ଖୋଳିବା ପାଇଁ ସହାୟତା ଦେଉଛନ୍ତି ବୋଲି ବିଡିଓ କହିଥିଲେ। ଏହି ଶିବିରରେ ଶତାଧିକ ମାଛଚାଷୀ ଉପସ୍ଥିତ ଥିଲେ।

## ଦୁର୍ନୀତି ନିବାରଣ ସପ୍ତାହ

ଝରିଗାଁ, ୧।୧୧(ସ୍ୱ.ପ୍ର)

ଝରିଗାଁ ବ୍ଲକସ୍ଥିତ ବିଏସ୍‌ଏଫ୍‌ର ୧୫ ବାଟାଲିୟନ୍ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଛି। ସ୍ଥାନୀୟ ନୋଡାଲ ସରକାରୀ ପଞ୍ଚାୟତ ହାଇସ୍କୁଲର ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ମଧ୍ୟରେ ଭ୍ରଷ୍ଟାଚାର ନିରାକରଣ ବିଷୟକୁ ନେଇ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ସନ୍ତୋଷିନୀ ପଟ୍ଟନାୟକ ପ୍ରଥମ, ତପସ୍ୱିନୀ ସାହୁ ଦ୍ୱିତୀୟ ଏବଂ ଦୀପଶିଖା ସାହୁ ତୃତୀୟ ହୋଇଛନ୍ତି। ପ୍ରଧାନଶିକ୍ଷକ ବୀରେନ୍ଦ୍ର କୁମାର ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବାଟାଲିୟନ ଆସିଷ୍ଟାଣ୍ଟ କାମାଣ୍ଡାଣ୍ଟ ସଞ୍ଜୟ ବିସନୋଇ, ଏସ୍‌ଆଇ ଯୋଗେଶ କୁମାର, ଏଏସ୍‌ଆଇ ଭିଜେନ୍ଦ୍ର କୁମାର, ସୋମନାଥ ଦାସ ଏବଂ ସନ୍ତୋଷ କୁମାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଅର୍ପିତା ଦାସ, ରୋଶନି ତପସ୍ୱିନୀ ହଜାରୀ, ପାରମିତା କେସ୍ୟା ମାଝି ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଗଛତଳେ ଚାଲିଛି ବିଶାଗୁଡ଼ା ଅଙ୍ଗନୱାଡି କେନ୍ଦ୍ର

ତେନ୍ତୁଳିଖୁଣ୍ଟି, ୧।୧୧ (ଡି.ଏନ୍.ଏ.)

ସ୍କୁଲ ଯିବା ଆଗରୁ ପିଲାମାନଙ୍କୁ ପାଠ ସହ ପରିଚିତ କରାଇବା ପାଇଁ ସରକାର ଅଙ୍ଗନୱାଡି କେନ୍ଦ୍ରର ପରିକଳ୍ପନା କରିଥିଲେ। କିନ୍ତୁ ବିଭିନ୍ନ କାରଣରୁ ଏହି ଲକ୍ଷ୍ୟ ପୂରଣ ହୋଇପାରୁନି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ତେନ୍ତୁଳିଖୁଣ୍ଟି ପୁଜାରିଗୁଡ଼ା ଗ୍ରାମ ପଞ୍ଚାୟତ ବିଶାଗୁଡା ଗାଁରେ। ଗାଁରେ ଥିବା ଅଙ୍ଗନୱାଡି କେନ୍ଦ୍ର ଘର ନ ଥିବାରୁ ରୋଷେୟାଙ୍କ ଘର ଅଗଣାରେ ଥିବା ଏକ ଗଛ ତଳେ ପିଲାମାନେ ପାଠ ପଢୁଛନ୍ତି। ପ୍ରକାଶ ଯେ, ଏହି କେନ୍ଦ୍ରରେ ୩୪ଜଣ ପିଲା ପାଠ ପଢୁଥିଲେ। ଅଙ୍ଗନୱାଡି କେନ୍ଦ୍ର ଘରଟି ଜରାଜୀର୍ଣ୍ଣ ହୋଇପଡିଥିବାରୁ ଠିକାଦାର ଏହାକୁ ଭାଙ୍ଗି ଦେଇଥିଲେ। କିନ୍ତୁ ଏ ଯାଏଁ ଏହାର ବିକଳ୍ପ ପଦକ୍ଷେପ ନିଆଯାଇନି। ତେଣୁ ବାଧ୍ୟ ହୋଇ ରୋଷେୟାଙ୍କ ଘର ଅଗଣାରେ ଥିବା ଗଛତଳେ ପାଠ ପଢା ଯାଉଛି। ଗ୍ରାମବାସୀ ବିଡ଼ିଓ ଅକ୍ଷୟମିତା କାର୍ତ୍ତିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶାନ୍ତିଲତା ହେମ୍ବ୍ରମ, ବ୍ଲକ ଅଧ୍ୟକ୍ଷା ଦେବକୀ ନାୟକଙ୍କୁ ଭେଟି ଅଭିଯୋଗ କରିଛନ୍ତି। କାହାକୁ ପଚାରି ଘର ଭଙ୍ଗାଗଲାର ତ ଉତ୍ତର ନାହିଁ। ବିକଳ୍ପ ବ୍ୟବସ୍ଥା ମଧ କରାଯାଇନି। ଅସ୍ୱାସ୍ଥ୍ୟକର ପରିବେଶ ହେତୁ ଏବେ ମାତ୍ର ୬ କିମ୍ବା ୭ ଜଣ ପଢିବାକୁ ଆସୁଛନ୍ତି। ଏଣୁ ବିଶାଗୁଡା ଅଙ୍ଗନୱାଡି ପାଇଁ ବିକଳ୍ପ ବ୍ୟବସ୍ଥା କରିବା ସହ କାହା ନିର୍ଦ୍ଦେଶରେ ପୁରୁଣା କୋଠା ଭଙ୍ଗାଭଲା ତାହାର ତଦନ୍ତ କରିବାକୁ ଦାବି ହୋଇଛି। ନିର୍ଦ୍ଦେଶରେ କାହିଁକି ଭଙ୍ଗାଗଲା ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକ ଭାଜପା ଦାବି କରିଛି।


ଗଛତଳେ ପିଲାମାନେ ପାଠ ପଢୁଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

ଧରିତ୍ରୀ
DHARITRI
ରାୟଗଡ଼ା, ଶନିବାର, ୨ ନଭେମ୍ବର, ୨୦୧୯



## ସଂକ୍ଷେପରେ



### ବର୍ଷାରେ ୨ ଘର ଭାଙ୍ଗିଲା

ଏମ୍‌ଭି ୭୯,୧।୧୧(ଡି.ଏନ.ଏ.): ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଲୁଗେଲ ପଞ୍ଚାୟତର ଏମ୍‌ପିଭି ୫୩ ଗ୍ରାମରେ ଗୁରୁବାର ପ୍ରବଳ ବର୍ଷା ସହ ପବନ ହୋଇଛି। ଫଳରେ ଗ୍ରାମର ସୁନୀଲ ରାୟ ଘର ଉପରେ ଗଛ ପଡି ଘରଟି ଭାଙ୍ଗିଯାଇଛି। ସେହିପରି ଗ୍ରାମର ବିଧାନ ମଣ୍ଡଳଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ଗ୍ରାମରେ ପ୍ରାୟ ଗଛ ପଡି ରାସ୍ତା ଅବରୋଧ ହୋଇଥିବା ଦେଖିବାକୁ ମିଳିଛି। ବର୍ଷା ଯୋଗୁ ଚାଷ ଜମି କ୍ଷତି ହୋଇଛି। କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ପ୍ରଶାସନ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ନାଳରେ ଭାସିଯାଇ ଜଣେ ମୃତ

ମାଲକାନଗିରି,୧।୧ ୧ (ସ୍ୱ.ପ୍ର.): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ରାଲେଗାଡ଼ା ପଞ୍ଚାୟତ ସାରୁକବନ୍ଧ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଗୁରୁ ପାଙ୍ଗି ସାରୁକବନ୍ଧ ନାଳରେ ଭାସିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ଗୁରୁ ନିକଟସ୍ଥ ଟେକପଦର ଗ୍ରାମକୁ ଯିବା ପାଇଁ ନାଳ ପାର ହେଉଥିଲେ। ଏହି ସମୟରେ ନାଳର ଜଳସ୍ରୋତରେ ଭାସିଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଘଟଣା ସ୍ଥଳରେ ଚିତ୍ରକୋଣ୍ଡା ପୋଲିସ ପହଞ୍ଚି ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗୁରୁ ପରିବାରର ଜଣେ ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ପରିବାରର ୫ ଜଣ ସଦସ୍ୟ ତାଙ୍କ ଉପରେ ନିର୍ଭର କରୁଥିଲେ। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଭୋଜି ଖାଇ ଜଳ ବିଦ୍ୟୁତ କେନ୍ଦ୍ରର ୬ କର୍ମଚାରୀ ଅସୁସ୍ଥ

ମାଲକାନଗିରି,୧।୧୧ (ଡି.ଏନ୍.ଏ.): ମାଲକାନଗିରି ଜିଲା ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ରର ଅଧିକାରୀ ଏବଂ କର୍ମଚାରୀମାନେ ଶୁକ୍ରବାର ଚିତ୍ରକୋଣ୍ଡାର ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀଠାରେ ଏକ ଭୋଜିର ଆୟୋଜନ କରିଥିଲେ। ଭୋଜି ଖାଇସାରିଲା ପରେ ୬ ଜଣ ଅଧିକାରୀ ଓ କର୍ମଚାରୀ ଗୁରୁତର ଅସୁସ୍ଥ ହୋଇ ପଡିଥିଲେ। ସେମାନଙ୍କୁ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରା ଯାଇଛି। ତେବେ ଭୋଜିରେ କୌଣସି ନିଶା ଦ୍ରବ୍ୟ ଖାଇଥିବାରୁ ଏପରି ହୋଇଥିବା ଜଣାପଡିଛି। ତେବେ ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସୁଧୁରିଛି। ଏସମ୍ପର୍କରେ କୌଣସି ଅଧିକାରୀ କିମ୍ବା କର୍ମଚାରୀ ମୁହଁ ଖୋଲୁ ନ ଥିବାରୁ ଘଟଣା ସମ୍ପର୍କରେ ପ୍ରକୃତ ତଥ୍ୟ ମିଳିପାରିନାହିଁ।

### ପ୍ରସୂତି ସମୟରେ ରକ୍ତସ୍ରାବ ଯୋଗୁ ମହିଳାଙ୍କ ମୃତ୍ୟୁ

ପଡିଆ, ୧।୧୧(ଡି.ଏନ୍.ଏ.): ଗୁରୁବାର କାଳଦାପାଲି ପଞ୍ଚାୟତ ସୁପୁଲୁର ଗ୍ରାମର ଇର୍ମା ମାଡକାମିଙ୍କ ସ୍ତ୍ରୀ ମୁନି ମାଡକାମି (୨୮) ଗର୍ଭ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ମାଲକାନଗିରି ଜିଲା ପଡିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତରଖାନାରେ ତାଙ୍କର ତୃତୀୟ ସନ୍ତାନ ଜନ୍ମ ହୋଇଥିଲା। ମାତ୍ର ପ୍ରସବ ପରେ ମୁନିଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇପଡିଲା। ତାଙ୍କ ଶରୀରରୁ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ତୁରନ୍ତ ଡାକ୍ତରଖାନା କର୍ତ୍ତୃପକ୍ଷ ଶୁକ୍ରବାର ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ତେବେ ମାଲକାନଗିରି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୁନି ଜଣେ ଅଙ୍ଗନୱାଡି କର୍ମୀ, ତାଙ୍କ ସ୍ୱାମୀ ଜଣେ ଶିକ୍ଷକ ବୋଲି ଜଣାପଡିଛି।

### ଟ୍ରକ୍ ଧକ୍କାରେ ଜଣେ ମୃତ

ପଡିଆ,୧।୧୧(ଡି.ଏନ.ଏ.): ପଡିଆ ଥାନା ଅଧୀନ ବାପନପାଲି ପଞ୍ଚାୟତ ଏମ୍‌ଭି-୫୮ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ଟ୍ରକ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସମ୍ପୃକ୍ତ ବ୍ୟକ୍ତି ଜଣକ କାଲିମେଳାରୁ କାମ ସାରି ପଡିଆ ଅଭିମୁଖେ ଆସୁଥିଲେ। ଏମ୍‌ଭି-୫୮ ଗ୍ରାମ ନିକଟରେ ବିପରୀତ ପାର୍ଶ୍ୱରୁ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ପରିଚୟ ମିଳିନାହିଁ। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

# ମାଲକାନଗିରିରେ ୧୫ରୁ ମଣ୍ଡି

**ପ୍ରଥମ ପର୍ଯ୍ୟାୟରେ ୮ ଲକ୍ଷ କୁଇଣ୍ଟାଲ ଧାନ**

- ଦଲାଲ, ଟୋକନ ବିତରକଙ୍କ ଉପରେ ରହିବ ନଜର
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଣ୍ଡି ଦାୟିତ୍ୱ
- କୁଇଣ୍ଟାଲ ପ୍ରତି ଧାର୍ଯ୍ୟ ହୋଇଛି ୧୮୫୦
- ଧାନ ବିକିବାର ୩ ଦିନ ମଧ୍ୟରେ ମିଳିବ ଟଙ୍କା



ଧାନମଣ୍ଡି ନେଇ ପ୍ରଶାସନ ପକ୍ଷରୁ ବସିଥିବା ବୈଠକ।

ମାଲକାନଗିରି,୧।୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଚାଷୀମାନଙ୍କ ଖରିଫ ଧାନ ଖରିଦ କରିବା ଲାଗି ଆସନ୍ତା ନଭେମ୍ବର ୧୫ରୁ ମଣ୍ଡି ଖୋଲାଯିବ । ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଉପଜିଲାପାଳ ତଥା ଭାରପ୍ରାପ୍ତ ଜିଲା ଯୋଗାଣ ଅଧିକାରୀ ରାମେଶ୍ୱର ପ୍ରଧାନ, ଜିଲାର ୨୨ଟି ଧାନ ମିଲ୍ ମାଲିକ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ, ଜିଲାର ୮ଟି ଲ୍ୟାମ୍ପର ପରିଚାଳକ, ଯୋଗାଣ ବିଭାଗର ସମସ୍ତ ଅଧିକାରୀ, କୃଷି ବିଭାଗ ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନେ ବୈଠକରେ ଉପସ୍ଥିତ ଥିଲେ। ବିଗତ ବର୍ଷ ୧୧ ଲକ୍ଷ ୫୦୦ କୁଇଣ୍ଟାଲ ଧାନ ଖରିଦ କରାଯାଇଥିବା ବେଳେ ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୮ ଲକ୍ଷ କୁଇଣ୍ଟାଲ ଧାନ ଖରିଦ ପାଇଁ ସରକାର ଧାର୍ଯ୍ୟ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଦ୍ୱିତୀୟ ପର୍ଯ୍ୟାୟ ଧାନ ଖରିଦ କରାଯାଇ ଧାର୍ଯ୍ୟଲକ୍ଷ୍ୟ ପୂରଣ କରାଯିବ । ତେବେ ଅଧିକ ଧାନ ମଣ୍ଡିକୁ ଆସିଲେ ସମସ୍ତ ଚାଷୀଙ୍କ ଧାନ ଯେପରି କ୍ରୟ କରାଯିବ । କୌଣସି ଚାଷୀ ଧାନ ଯେପରି ବାହାର ରାଜ୍ୟକୁ ବିକ୍ରି ନ କରନ୍ତି ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବ। ଜିଲାରେ ୭ଟି ବ୍ଲକରେ ଥିବା ୬୨ଟି ମଣ୍ଡିରୁ ଚଳିତବର୍ଷ ମାଲକାନଗିରି ବ୍ଲକ ଚଲାଣଗୁଡା ମଣ୍ଡିକୁ ଏମ୍.ଭି. ୪୫ସ୍ଥିତ ଲକ୍ଷ୍ମୀଦେବୀ ମହିଳା ମଣ୍ଡଳକୁ ଧାନ ଖରିଦ ପାଇଁ ଅନୁମତି ପ୍ରଦାନ କରାଯାଇଛି। ଚଳିତବର୍ଷ କୌଣସି ଦଲାଲ କିମ୍ବା ବେପାରୀ ମଣ୍ଡିରେ ସବୁ ସମୟରେ ରହିବା କିମ୍ବା ମଣ୍ଡି ବାହାରେ ବୁଲାବୁଲି କରୁଥିବା ଜଣାପଡିଲେ ସେମାନଙ୍କୁ ଚିହ୍ନଟ ପାଇଁ ଏକ ସ୍କ୍ୱାଡ ଗଠନ କରାଯାଇଛି। ଯଦି ଏପରି କୌଣସି ବ୍ୟକ୍ତି ଧରାପଡନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ଜିଲାପାଳ ଅଗ୍ରୱାଲ କହିଥିଲେ। ଜିଲା ବାହାରକୁ କୌଣସି ଧାନ ବିକ୍ରି ପାଇଁ ନିଆଯାଇପାରିବ ନାହିଁ। ଶେଷ ପର୍ଯ୍ୟନ୍ତ ଚାଷୀଙ୍କ ଧାନ ଖରିଦ କରାଯିବ। ବିକ୍ରିର ୩ଦିନ ମଧ୍ୟରେ ଚାଷୀ ତାଙ୍କର ପ୍ରାପ୍ୟ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପାଇବେ । ଲ୍ୟାମ୍ପ ଚାଷୀଙ୍କୁ ଦେଇଥିବା ଟୋକନରେ ଯେପରି ପାତରଅନ୍ତର କିମ୍ବା ବେପାରୀ ମାଧ୍ୟମରେ ଟୋକନ ନ ଦେବେ ସେଥିପ୍ରତି ସେମାନଙ୍କ ଉପରେ କଡା ନଜର ରଖାଯିବ। ଧାନ କୁଇଣ୍ଟାଲ ପ୍ରତି ୧୮୫୦ ଟଙ୍କା ଧାର୍ଯ୍ୟ ହୋଇଛି। ଯେଉଁ ମିଲରମାନଙ୍କୁ ଧାନ ନେବା ପାଇଁ କୁହାଯାଇଛି ସେମାନେ ମଣ୍ଡିରୁ ଧାନ ଖରିଦର ୪୮ ଘଣ୍ଟା ମଧ୍ୟରେ ଧାନ ଉଠାଇବେ । ଚାଷୀମାନଙ୍କ ମଣ୍ଡିରେ ଧାନ ବିକ୍ରି ପାଇଁ ଯେପରି କୌଣସି ଅସୁବିଧା ନ ହେବ ସେଥିପାଇଁ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ପ୍ରତି ମଣ୍ଡିରେ ବିଶ୍ରାମାଗାର, ପାନୀୟଜଳ, ପ୍ରାକୃତିକ ବିପର୍ଯ୍ୟୟରୁ ଚାଷୀଙ୍କ ଧାନ ସୁରକ୍ଷିତ ରହିବା ପାଇଁ ବ୍ୟବସ୍ଥା ହୋଇଥିବା ବୈଠକରେ କୁହାଯାଇଥିଲା।

■ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷା ଫଳ ପ୍ରକାଶ

## ଟପ୍‌ଟେନରେ ଗୁଣପୁର କଲେଜର ୩ ଛାତ୍ରୀଛାତ୍ର



ଶ୍ରୀରଙ୍ଗା ଚରଣ ପାଣିଗ୍ରାହୀ



ସତ୍ୟବ୍ରତ ପାଣିଗ୍ରାହୀ



ଟି. ରାଜେଶ୍ୱରୀ

ଗୁଣପୁର,୧।୧୧(ଡିଏନଏ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଶେଷବର୍ଷ ସ୍ନାତକ ପରୀକ୍ଷା ଫଳ ପ୍ରକାଶ ପାଇଛି। ସେଥିରେ ଗୁଣପୁର କଲେଜ ୩ଟି ବିଭାଗର ଛାତ୍ରୀଛାତ୍ର ଟପଟେନରେ ରହି କୃତିତ୍ୱ ହାସଲ କରିଛନ୍ତି। ଶ୍ରୀରଙ୍ଗା ଚରଣ ପାଣିଗ୍ରାହୀ ରାସାୟନିକ ବିଜ୍ଞାନ ବିଭାଗରେ ସପ୍ତମ ସ୍ଥାନ ଅଧିକାର କରିଥିବାବେଳେ ସତ୍ୟବ୍ରତ ପାଣିଗ୍ରାହୀ ପଦାର୍ଥ ବିଜ୍ଞାନରେ ଅଷ୍ଟମ ଏବଂ ଟି.ରାଜେଶ୍ୱରୀ ଗଣିତ ବିଭାଗରେ ଦଶମ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ନେଇ କଲେଜ ଅଧ୍ୟକ୍ଷ ଡ.ବାମଦେବ ମିଶ୍ରଙ୍କ ସମେତ ପ୍ରାଧ୍ୟାପକ, ବରିଷ୍ଠ ଅଧ୍ୟାପକ ଓ ଅଧ୍ୟାପକ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବିଭାଗୀୟ ଅଧ୍ୟାପକ ଏବଂ କର୍ମଚାରୀଙ୍କ ଦ୍ୱାରା ପିଲାଙ୍କ ଏହି ସଫଳତା ପାଇଁ ଅଭିଭାବକମାନେ ଅଭିନନ୍ଦନ ଜଣାଇଛନ୍ତି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଶିକ୍ଷକ ସତ୍ୟ ନାରାୟଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଗୁଣପୁର,୧।୧୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ପୌର ପରିଷଦ ଅଧୀନ ସୌରା ପ୍ରଧାନିଗୁଡାଠାରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ସତ୍ୟନାରାୟଣ ବୈଦ୍ୟଭୂଷଣଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ବୃନ୍ଦାବତୀ ପଣ୍ଡା ସଭାପତିତ୍ୱ କରିଥିଲେ । ଏଥିରେ ଏବିଇଓ ତଥା ବିଆରସିସି ନିରଞ୍ଜନ ଦଳେଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ କମିଟି ସଭାପତି ରାମ ପ୍ରସାଦ ଶବର, ସିଆରସିସି ଏନ.ଚନ୍ଦ୍ରମୌଳି, ଶିବ ପ୍ରସାଦ ବାଉରି ଏବଂ ପୂର୍ବତନ ସିଆରସିସି ପ୍ରସାଦ ପାଇଟାଳ ପ୍ରମୁଖ ଯୋଗଦେଇ ଅବସର ନେଇଥିବା ଶିକ୍ଷକ ସତ୍ୟ ନାରାୟଣଙ୍କୁ ସମ୍ବର୍ଦ୍ଧି କରିବା ସହ ସୁସ୍ଥ ଏବଂ ଦୀର୍ଘଜୀବନ କାମନା କରିଥିଲେ ।

## ରାୟଗଡ଼ ସ୍କୁଲ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ରାୟଗଡ଼(ଗଜପତି), ୧।୧୧(ଡି.ଏନ୍.ଏ.)



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଗଜପତି ଜିଲା ରା. ଉଦୟଗିରି ଠାରେ ୨ ଦିନ ଧରି ଚାଲିଥିବା ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଓ ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତାରେ ରାୟଗଡ଼ ବ୍ଲକସ୍ଥିତ ସରକାରୀ ଉଚ୍ଚ ବଦ୍ୟାଳୟ ଛାତ୍ରୀଛାତ୍ର ବିଶେଷ ସଫଳତା ଅର୍ଜନ କରିଛନ୍ତି। ୧୭ ବର୍ଷରୁ କମ୍ ବାଳକ ବିଭାଗ ଡିସ୍‌କସ୍ ଥ୍ରୋ ଓ ଜାଭେଲିନ୍ ଥ୍ରୋ ପ୍ରତିଯୋଗିତାରେ ବିକାଶ ବଡ଼ରଇତ ଚାମ୍ପିୟନ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ସୁଭଦ୍ରା ଭୂୟାଁ, ଗୋଲି ଭୂୟାଁ, ପ୍ରୟଙ୍କା ଦଳବେହେରା ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ସଫଳତା ପାଇଛନ୍ତି। ଅନ୍ୟପକ୍ଷରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ସୋନୁ ରଇତ, ଶଭରା ସ୍ୱାଲସିଂ, ଶିକ୍ଷା ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ପୂଜା ଦଳାଇ ତୃତୀୟ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଅଭିଭାବକ ଓ ଅଞ୍ଚଳର ବୁଦ୍ଧିଜୀବୀ ଅଭିନନ୍ଦନ ଜଣାଇଛନ୍ତି। ସେହିପରି କୃତୀ ଛାତ୍ରୀଛାତ୍ର ପ୍ରଧାନଶିକ୍ଷୟିତ୍ରୀ ଏସ୍. ମଣିମାଳା, କ୍ରୀଡ଼ା ଶିକ୍ଷକ ଜଗତ ଚନ୍ଦ୍ର କାର୍ଯୀ, ମନୋଜ ବେହେରା ଓ ସିଦ୍ଧାର୍ଥ ଶଙ୍କର ପାଠୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଡାକବଙ୍ଗଳା ଉଦ୍‌ଘାଟିତ

ଚିତ୍ରକୋଣ୍ଡା,୧।୧୧(ଡି.ଏନ.ଏ.)

ଚିତ୍ରକୋଣ୍ଡାର ପର୍ଯ୍ୟଟନସ୍ଥଳୀ ଯୁକୋ ପାର୍କଠାରେ ନବନିର୍ମିତ ଡାକବଙ୍ଗଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଡିଏଫଓ ପ୍ରଦୀପ ଦେବୀଦାସ ମୀରାସେ, ଏସିଏଫ୍ ଶ୍ରୀକାନ୍ତ ନାଏକ, ଚିତ୍ରକୋଣ୍ଡା ପୂର୍ବତନ ବନାଞ୍ଚଳ ଅଧିକାରୀ ଏନ୍‌ସି ସରକାର, ବନାଞ୍ଚଳ ଅଧିକାରୀ ବଳରାମ ନାୟକ, ବନପାଳ ମୃତ୍ୟୁଞ୍ଜୟ ସେଠୀ, ତହସିଲଦାର ଟି. ପଦ୍ମନାଭ ଦୋରା, ବିଡିଓ ଲରିମନ ଖରସେଲ ଉପସ୍ଥିତ ଥିଲେ। ବନ ବିଭାଗ ଦ୍ୱାରା ପରିଚାଳିତ ଏହି ଯୁକୋ ପାର୍କଟି ସୌନ୍ଦର୍ଯ୍ୟରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଏଠାରେ କିମ୍ବଦନ୍ତୀ ସମ୍ବଳିତ ଆଦିବାସୀ ପରମ୍ପରାର ଅବିକଳ ବଣ୍ଡା ମୂର୍ତ୍ତି, ଆଦିମ ଜନଜାତିଙ୍କ ନିର୍ମିତ ମୂର୍ତ୍ତି ରହିଛି। ବୋଟିଂ ଏବଂ ବଣଭୋଜି ପାଇଁ ଏହା ଏକ ଉତ୍କୃଷ୍ଟ ସ୍ଥାନ। ପଡୋଶୀ ଜିଲା ଏବଂ ପଡୋଶୀ ରାଜ୍ୟ ଆନ୍ଧ୍ର ଓ ଛତିଶଗଡରୁ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଯୁକୋ ପାର୍କକୁ ଆହୁରି ସୌନ୍ଦର୍ଯ୍ୟମୟ କରିବା, ବିଭିନ୍ନ ପ୍ରଜାତିର ପକ୍ଷୀ ରଖିବା, ଏଠାରେ ଥିବା କୁମ୍ଭୀରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

## ଇନ୍ଦିରା ଗାନ୍ଧୀଙ୍କ ପୁଣ୍ୟତିଥି ପାଳିତ

ପାରଳାଖେମୁଣ୍ଡି, ୧।୧୧(ସ୍ୱ.ପ୍ର.)

ଜିଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଗୁରୁବାର ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୩୫ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି। ଏହି ଅବସରରେ ପ୍ରଥମେ ଗାନ୍ଧୀଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯିବା ସହ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ପାରଳାଖେମୁଣ୍ଡି ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା ଉପସ୍ଥିତ ରହି ଗାନ୍ଧୀଙ୍କ ଶାସନ କାଳରେ ଭାରତର ବିକାଶ ଓ ଓଡ଼ିଶା ରାଜ୍ୟପାଇଁ ତାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମନୋଜ କୁମାର ସାହୁ, ଲବ ସାହୁଙ୍କ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଖଇରପୁଟ, ୧।୧୧ (ଡି.ଏନ୍.ଏ.)

ଖଇରପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ ଅଷ୍ଟମ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମଶାଲ ପ୍ରଜ୍ୱଳନ ସହ କ୍ରୀଡ଼ା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ରୂପେ ସାମାଜିକ କର୍ମୀ ଟଙ୍କାଧର ହନ୍ତାଳ, ମହେଶ୍ୱର ବାକା, ବ୍ଲକ ଶିକ୍ଷା ଅଧିକାରୀ ଶଶିଭୂଷଣ ମିଶ୍ର, ଆବାହକ ବଂଶୀଧର କର, ଜିଲା କ୍ରୀଡ଼ା ଶିକ୍ଷା ପରିଦର୍ଶକ ରତିକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

■ବାଲିମେଳା ଏନ୍‌ଏସି ପକ୍ଷରୁ ପଲିଥିନ ଚଢ଼ାଉ

## ପଲିଥିନ ଜବତ: ୪୩ ହଜାର ଜରିମାନା ଆଦାୟ

କୋରକୋଣ୍ଡା, ୧।୧୧(ଡି.ଏନ୍.ଏ.)



ଏକ ଦୋକାନ ଉପରେ ଚଢ଼ାଉ କରି ପଲିଥିନ ଜବତ କରାଯାଇଛି।

ମାଲକାନଗିରି ଜିଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ପକ୍ଷରୁ ଶୁକ୍ରବାର ସହରର ବିଭିନ୍ନ ଦୋକାନ ଉପରେ ଚଢ଼ାଉ କରାଯାଇ ବହୁ ପରିମାଣରେ ପଲିଥିନ ଜବତ କରାଯାଇଛି। ଏଥିସହ ବ୍ୟବସାୟୀମାନଙ୍କଠାରୁ ୪୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥଙ୍କ ନେତୃତ୍ୱରେ ସହରର କାଳିଛକ ଓ ଦୈନିକ ବଜାରରେ ଥିବା ବିଭିନ୍ନ ଦୋକାନ ଓ ହୋଟେଲଗୁଡିକ ଉପରେ ଚଢ଼ାଉ କରାଯାଇଥିଲା । ବାରମ୍ବାର ପଲିଥିନ ବ୍ୟବହାର ନ କରିବାକୁ ଏନ୍‌ଏସି ପକ୍ଷରୁ ସଚେତନ କରାଯାଉଥିଲେ ମଧ୍ୟ ବ୍ୟବସାୟୀମାନେ ଏହାକୁ ମାନୁ ନାହାନ୍ତି। ଚଢାଉ ପରେ ନିର୍ବାହୀ ଅଧିକାରୀ ରଥ ବ୍ୟବସାୟୀଙ୍କୁ ପଲିଥିନ ଆଉ ବ୍ୟବହାର ନ କରିବାକୁ ତାଗିଦ୍ କରିଥିଲେ। ଏହି ଚଢ଼ାଉରେ ଏନ୍‌ଏସି କର୍ମଚାରୀ ପ୍ରଦୀପ କୁମାର ମାହାଳି, ବେଣୁ ଘଡାଇ, ପ୍ରତାପ ପଣ୍ଡା, ଧନିଆ ପଟନିଅ,ରମେଶ ଧଳଙ୍କ ବିଜୁ ଯୁବ ବାହିନୀର ସଦସ୍ୟାସଦସ୍ୟମାନେ ସାମିଲ ହୋଇଥିଲେ।

## ରାଷ୍ଟ୍ରୀୟ ଏକତା ଦିବସ

ପାରଳାଖେମୁଣ୍ଡି,୧।୧୧(ସ୍ୱ.ପ୍ର.)




ଏକତା ଦିବସରେ ଏନ୍‌ୱାଇକେ ପକ୍ଷରୁ ଶୋଭାଯାତ୍ରା।

ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମ ପରିସରରେ ଗୁରୁବାର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଅଧୀନସ୍ଥ ନେହେରୁ ଯୁବକେନ୍ଦ୍ର ଗଜପତି ଶାଖା ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ୟୁଥ୍ କ୍ଲବ୍ ସଦସ୍ୟ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଗଜପତି ଷ୍ଟାଡିୟମରୁ ଶୋଭାଯାତ୍ରା ବାହାରି ସ୍ଥାନୀୟ ରାମସାଗର ପର୍ଯ୍ୟନ୍ତ ଯାଇଥିଲା। କେନ୍ଦ୍ରର ଯୁବକମାନେ 'ରନ୍ ଫର୍ ୟୁନିଟି' ନାରାଦେଇ ସହର ପରିକ୍ରମା କରିଥିଲେ। ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ବିଜୟ କୁମାର ମହାପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




୬୮ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ ବାର୍ତ୍ତା

No.DSPL-138 :- ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଆବହମାନ କାଳରୁ କୃଷି ସହିତ ଗୋ-ସମ୍ପଦର ସହାବସ୍ଥାନ ରହିଆସିଛି। କୃଷିଜୀବିଙ୍କ ଆୟବୃଦ୍ଧି ଓ ଜୀବିକାନିର୍ବାହରେ ଗୋ-ପାଳନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଗୋ-ସମ୍ପଦର ସୁରକ୍ଷା ସହିତ ସେମାନଙ୍କ ପାଇଁ ସୁଷମ ଖାଦ୍ୟ, ଉପଯୁକ୍ତ ଲାଳନପାଳନ, ଉଚିତ ସମୟରେ ପ୍ରଜନନ ଓ ରୋଗ ନିରାକରଣର ବ୍ୟବସ୍ଥା କଲେ ଗୋ-ସମ୍ପଦର ବିକାଶ ସାଧିତ ହୋଇପାରିବ ଏବଂ କୃଷକମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଘଟିବ। ଆମ ରାଜ୍ୟରେ ୬୮ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଅକ୍ଟୋବର ୨୯ତାରିଖଠାରୁ ନଭେମ୍ବର ୪ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି। ଏହା ଗିରିଗୋବର୍ଦ୍ଧନ ପୂଜାଠାରୁ ଗୋପାଷ୍ଟମୀ ପର୍ଯ୍ୟନ୍ତ ଦୀର୍ଘ ସାତ ଦିନ ବ୍ୟାପି ପାଳିତ ହେବ। ଏହି ଅବସରରେ ପ୍ରତି ଜିଲ୍ଲାରେ ଗୋ-ଚିକିତ୍ସା ଶିବିର, ଗୋ-ବତ୍ସା ପ୍ରଦର୍ଶନୀ, ଗୋ-ସମ୍ବର୍ଦ୍ଧନା ସମାବେଶ, କୃଷକ ସଚେତନତା ଶିବିର ଆଦି କାର୍ଯ୍ୟକ୍ରମ ଆୟୋଜିତ ହେବା ସାଙ୍ଗକୁ ରାଜ୍ୟସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ ଜଗତ୍‌ସିଂହପୁରଠାରେ ନଭେମ୍ବର ୪ ତାରିଖରେ ଆୟୋଜିତ ହେବ। ଏ ସବୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସରକାରୀ ସୁବିଧାସୁଯୋଗର ସୁବିନିଯୋଗ କରିବାକୁ ରାଜ୍ୟର ସମସ୍ତ ଗୋ-ପାଳକ ଭାଇଭଉଣୀମାନଙ୍କୁ ଅନୁରୋଧ।

ଏହି ପବିତ୍ର ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ ଚାଷୀ, ଗୋପାଳକ ଭାଇଭଉଣୀ ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରି ଗୋ-ସମ୍ପଦର ସମୃଦ୍ଧି ଆଶା କରୁଛି।

ସ୍ୱା./- ଡ଼. ଅରୁଣ କୁମାର ସାହୁ
ମନ୍ତ୍ରୀ
କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଉଚ୍ଚଶିକ୍ଷା, ଓଡ଼ିଶା

06014/13/0009/1920

## ସଂକ୍ଷେପରେ

### ଏନ୍‌ୱାଇକେର ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ପାରଳାଖେମୁଣ୍ଡି,୧।୧୧(ସ୍ୱ.ପ୍ର.):ଗଜପତି ଷ୍ଟାଡିୟମ୍ ପରିସରରେ ଚାଲିଥିବା ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ଗଜପତି ପକ୍ଷରୁ ଦୁଇଦିନ ଧରି ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଗୋଷାଣୀ ବ୍ଲକ୍‌ର ୨୦୦ରୁ ଉର୍ଦ୍ଧ୍ୱ ଯୁଥ୍ କ୍ଲବ୍‌ର ସଦସ୍ୟ ଯୋଗଦେଇଥିଲେ। ଏଥିରେ ଦୌଡ଼, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, କବାଡି, ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଭାକର ତ୍ରିପାଠୀ, ସହକାରୀ ଅଗ୍ନିଶମ ଅଧିକାରୀ ସନ୍ତୋଷ ପାଣିଗ୍ରାହୀ, ନେହେରୁ ଯୁବକେନ୍ଦ୍ର ଜିଲା ସଂଯୋଜକ ବିଜୟ କୁମାର ମହାପାତ୍ର ଯୋଗଦେଇ କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସଫଳ ପ୍ରତିଯୋଗିମାନେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

### ଜଳବାହିତ ରୋଗ ସମ୍ପର୍କିତ ଆଲୋଚନାଚକ୍ର

ପାରଳାଖେମୁଣ୍ଡି/ଗୁମ୍ମା,୧।୧୧ (ସ୍ୱ.ପ୍ର.): ଜନକଲ୍ୟାଣ ପ୍ରତିଷ୍ଠାନ ପକ୍ଷରୁ ଶୁକ୍ରବାର ପାରଳାଖେମୁଣ୍ଡି ଭଣ୍ଡାରୀସାହିସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଳବାହିତ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ୟୁନିସେଫ୍ ଓ ୟଙ୍ଗ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଳୟର ଡିଡିଏଚ୍‌ଓ ଡା. ଏମ. ଅଲ୍ଲି, ପିଏଚ୍‌ଇଡି ବିଭାଗ ଏସ୍‌ଡିଓ ସ୍ୱାଗତ ଚନ୍ଦ୍ର ନାୟକଙ୍କ ସମେତ ଜିଲା ମହିଳା ଆରୋଗ୍ୟ ସମିତିର ସଭାପତି ଓ ସମ୍ପାଦିକା ଉପସ୍ଥିତ ଥିଲେ। ଏଥିରେ ରେଡିଓ ଜନବାଣୀର ଷ୍ଟେଶନ ମ୍ୟାନେଜର ମିନାକ୍ଷୀ ଶବର, ୟୁନିସେଫ୍ ଜୀବନ ସମ୍ପର୍କ ସଂଯୋଜକ ଅକ୍ଷୟ ମହାନ୍ତି, ସୁଦର୍ଶନ ବରାଡ଼, ଜନକଲ୍ୟାଣ ପ୍ରତିଷ୍ଠାନର ଡମ୍ବରୁଧର ମହାରଣା ଓ ଆନନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଫୁଲଚାରା ରୋପଣ



ରାୟଗଡ଼(ଗଜପତି), ୧।୧୧ (ଡି.ଏନ୍.ଏ.): ରାୟଗଡ଼ ବ୍ଲକ୍ ସଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପ୍ରତିଦିନ ଅଞ୍ଚଳର ରୋଗୀମାନେ ଆସୁଥିବାବେଳେ ବିଭିନ୍ନ ଫୁଲଚାରା ରୋପଣ କରି ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ସୌନ୍ଦର୍ଯ୍ୟକରଣ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଡିଓ ଲୁକାଶ ପ୍ରଧାନ ଯୋଗଦେଇ ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାସହ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଗିରିଜା ପତି, ଡା. ନଗେନ୍ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏଭଳି କାର୍ଯ୍ୟକ୍ରମ ପ୍ରଥମଥର ପାଇଁ ଅନୁଷ୍ଠିତ ହୋଇଥିବାରୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

### ବସ ଧକ୍କାରେ ସାଇକେଲ ଚାଳକ ଆହତ

କାଶୀନଗର,୧।୧୧(ଡି.ଏନ୍.ଏ.): ଏକ ଯାତ୍ରୀବାହି ବସ୍ ଏବଂ ସାଇକେଲ୍ ମଧ୍ୟରେ ଦୁର୍ଘଟଣା ଘଟି ସାଇକେଲ୍ ଆରୋହୀ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ବ୍ରହ୍ମପୁରରୁ ଗୁଣପୁର ଯାଉଥିବା ଶ୍ରୀ ଉମା ନାମକ ଏକ ଯାତ୍ରୀବାହି ବସ୍(ଏପି-୩୧-ଟିଡି-୮୮୭୪) ଶୁକ୍ରବାର କାଶୀନଗର ବ୍ଲକ୍ ଅନ୍ତର୍ଗତ ଶିଆଳିଠାରେ ଭାରସାମ୍ୟ ହରାଇ ଶିଳାଳି ଗ୍ରାମର ସାଇକେଲ୍ ଚାଳକ ପି ରାମା ରାଓ(୪୦)ଙ୍କୁ ଧକ୍କା ଦେଇଥିଲା। ଫଳରେ ବସ୍‌ଟି ରାସ୍ତାପାର୍ଶ୍ୱ ଗାର୍ଡୱାଲ୍‌ରେ ପିଟି ହୋଇଥିଲା। ଏଥିରେ ସାଇକେଲ୍ ଚାଳକ ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ କାଶୀନଗର ଓ ପରେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କାଶୀନଗର ପୋଲିସ ବସ୍‌ଟିକୁ ଜବତ କରିବା ସହ ଚାଳକ ପି. ରାମୁଡୁଙ୍କୁ ଅଟକ ରଖିଛି।

■ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# ‘ସଚ୍ଚୋଟତା ଏକ ଜୀବନଶୈଳୀ’ ଆଲୋଚନାଚକ୍ର

ପାରଳାଖେମୁଣ୍ଡି,୧।୧୧ (ସ୍ୱ.ପ୍ର.)




ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସଚେତନତା ଶୋଭାଯାତ୍ରା ବାହାରିଛି।

ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ସମ୍ମିଳନୀ ଗୃହରେ ଶୁକ୍ରବାର ପାରଳାଖେମୁଣ୍ଡି ଦୁର୍ନୀତି ନିବାରଣ ବିଭାଗ ଆନୁକୁଲ୍ୟରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ସକାଳେ ସ୍ଥାନୀୟ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍କୁଲର ଛାତ୍ର, ଶିକ୍ଷକ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର ଏକତ୍ରିତ ହୋଇ ଏକ ବିରାଟ ସଚେତନତା ଶୋଭାଯାତ୍ରାରେ ବାହାରିଥିଲେ। ଏଥିରେ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଶିକ୍ଷକ ହରିହର ଦାସଙ୍କ ନେତୃତ୍ୱରେ ୬୦ରୁ ଉର୍ଦ୍ଧ୍ୱ ଏନ୍‌ସିସି(ନାଭାଲ୍) ଛାତ୍ର ଅଂଶଗ୍ରହଣ କରିଥିଲେ। ସ୍କୁଲର ପ୍ରଧାନଶିକ୍ଷକ ବୃଷକେତୁ ଦାସ ଏବଂ ଦୁର୍ନିତୀ ନିବାରଣ ବିଭାଗର ଇନ୍ସପେକ୍ଟର ଡି. ବାସୁଦେବ ରାଓ ଶୋଭାଯାତ୍ରାର ମିଳିତ ଭାବେ ଶୁଭାରମ୍ଭ କରିଥିଲେ। ପରେ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୁର୍ନୀତି ନିବାରଣ ବିଭାଗର ଜନବାର୍ତ୍ତା ‘‘ସଚ୍ଚୋଟତା ଏକ ଜୀବନ ଶୈଳୀ’’ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର କେନ୍ଦ୍ରୀୟ ରୋଟାରୀ କ୍ଲବ ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପରିଷଦ ଅଧ୍ୟକ୍ଷା ଅନୀତାରାଣୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଅନୁପମ ଶାହା ମୁଖ୍ୟ ଅତିଥିଭାବେ ଯୋଗଦେଇ ନିସ୍ୱାର୍ଥପର ଭାବେ କାର୍ଯ୍ୟକଲେ ଏକ ଦୁର୍ନୀତି ମୁକ୍ତ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ଏହାସହ କୌଣସି କ୍ଷେତ୍ରରେ ଦୁର୍ନିତୀ ହେଉଥିବା ସୂଚନା ପାଇଲେ ସ୍ଥାନୀୟ ଭିଜିଲାନ୍ସ ବିଭାଗ କିମ୍ବା ଟୋଲଫ୍ରି ନଂ- ୦୬୮୦-୨୨୮୨୩୦୦ ରେ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି। ଦୁର୍ନିତୀ ନିବାରଣ ସପ୍ତାହ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏଠାରେ ପୁରସ୍କୃତ କରାଯିବା ସହ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭିଜିଲାନ୍ସ ଇନ୍ସପେକ୍ଟର ଡି. ବାସୁଦେବ ରାଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୋଲିସ ଏସ୍‌ପି ସାରା ଶର୍ମା, ଭିଜିଲାନ୍ସ ବିଭାଗର ଅତିରିକ୍ତ ଏସ୍‌ପି ଶାନ୍ତନୁ କୁମାର ପାଢୀ, ବରିଷ୍ଠ ଅଧ୍ୟାପକ ଡ. ଜିତେନ୍ଦ୍ର ନାଥ ପଟ୍ଟନାୟକ ଉପସ୍ଥିତ ଥିବାବେଳେ ସମସ୍ତ କାର୍ଯ୍ୟକ୍ରମକୁ ଅଚ୍ୟୁତାନନ୍ଦ ବସ୍ତିଆ ପରିଚାଳନା କରିଥିଲେ।

■ ଅଣ୍ଡାଦିଆ କୁକୁଡ଼ା ଚାଷ ତାଲିମ

# ସ୍ୱାବଲମ୍ବୀ ହେବେ ଏସ୍‌ଏଚ୍‌ଜି ମହିଳା

କାଶୀନଗର,୧।୧୧(ଡି.ଏନ୍.ଏ.)

କାଶୀନଗର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର ବ୍ଲକ୍‌ସ୍ତରୀୟ ଅଣ୍ଡାଦିଆ କୁକୁଡ଼ା ଚାଷ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଏସ୍‌ଏଚ୍‌ଜି ମହିଳାମାନେ ଯୋଗଦେଇ ତାଲିମ ନେଇଛନ୍ତି। କାର୍ଯ୍ୟକ୍ରମରେ ଡିପ୍ ଲିଟର୍ ପଦ୍ଧତିରେ ଅଣ୍ଡାଦିଆ କୁକୁଡ଼ା ପାଳନ ପ୍ରତି ଆଗ୍ରହ ସୃଷ୍ଟି କରିବା, ଗ୍ରାମାଞ୍ଚଳରେ ମହିଳାଙ୍କ ପାଇ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ପୁଷ୍ଟିସାରର ଆବଶ୍ୟକତାକୁ ପୂରଣ କରିବା ଆଦି ବିଷୟରେ ତାଲିମ ଦିଆଯାଇଥିଲା। ଏଥିରେ ବିଡିଓ ଶଶୀଭୂଷଣ ସ୍ୱାଇଁ, ଏଡିଭିଓ ଉମେଶ ଚନ୍ଦ୍ର ବେହେରା, ଅଭିଜିତ୍ ମିଶ୍ର, ଚର୍ଚ୍ଚିକା ପଣ୍ଡା, ଲିପିରେଖା ସ୍ୱାଇଁ ଯୋଗଦେଇଥିଲେ। କୁକୁଡ଼ା ଫାର୍ମ ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ଏବଂ ମହିଳା ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ଅଣ୍ଡା ହିଁ ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ଓ ସ୍କୁଲ ରେ ମଧ୍ୟାହ୍ନ ଭୋଜନ ପାଇଁ କିଣିବା ପାଇଁ ନିର୍ଦ୍ଦେଶନାମା ରହିଥିବା ବିଡିଓ ସ୍ୱାଇଁ ବୁଝାଇଥିଲେ। ସେହିପରି ଗୋଷ୍ଠୀର ମହିଳା ଓ ତାଲିମ ଦେଉଥିବା ଡାକ୍ତରମାନେ ରାୟଗଡ଼ା ଜିଲା ମୁନିଗୁଡ଼ାସ୍ଥିତ କୁକୁଡ଼ା ଫାର୍ମ ପରିଦର୍ଶନ କରିବେ ବୋଲି ସୂଚନା ମିଳିଛି।




ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ବିଡିଓ, ଏବିଡିଓ ଓ ଅନ୍ୟମାନେ।

# ଜିଲା ଶିଶୁ ସୁରକ୍ଷା ଅଧିକାରୀ ପୁରସ୍କୃତ

ପାରଳାଖେମୁଣ୍ଡି,୧।୧୧(ସ୍ୱ.ପ୍ର.)

ଗଜପତି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀଙ୍କୁ ପ୍ରଶାସନ ପକ୍ଷରୁ ପୁରସ୍କୃତ କରାଯାଇଛି । ଜିଲାପାଳ ଅନୁପମ ଶାହାଙ୍କ ନେତୃତ୍ୱରେ ଶିଶୁଙ୍କ ସୁରକ୍ଷା ଓ ଅଧିକାର ପାଇଁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଯଥା ଅନାଥ, ପରିତ୍ୟକ୍ତ ଓ ସମର୍ପିତ ଶିଶୁ ମାନଙ୍କୁ ଆଇନଗତ ସହାୟତା ଯୋଗାଇଦେବା, ଶିଶୁଚାଲାଣ ବନ୍ଦ କରିବା, ଦୁର୍ଗମ ଅଞ୍ଚଳରେ ଗ୍ରାମସ୍ତରୀୟ କମିଟି ଗଠନ କରିବା ଆଦି କ୍ଷେତ୍ରରେ ତାଙ୍କର ଅଗ୍ରଣୀ ଭୂମିକା ପାଇଁ ତାଙ୍କୁ ପ୍ରଶଂସିତ କରାଯାଇଛି। ଏହାସହ ବାଲ୍ୟ ବିବାହ ବନ୍ଦ କରିବା ପାଇଁ ଅଙ୍ଗନୱାଡ଼ି ସ୍ତରରୁ ସୂଚନା ସଂଗ୍ରହ କରିବା, ତିତ୍‌ଲି ବାତ୍ୟାରେ ଅନାଥ ପିଲାଙ୍କୁ ଥଇଥାନ କରିବା ଏବଂ ସମସ୍ୟା ଘେରରେ ରହିଥିବା ଶିଶୁ ମାନଙ୍କୁ ଉଦ୍ଧାର କରିବା କାର୍ଯ୍ୟରେ ମଧ ସେ ଆଗୁଆ ରହିଥିଲେ। କର୍ତ୍ତବ୍ୟ ପ୍ରତି ତାଙ୍କର ନିଷ୍ଠା ପାଇଁ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ଭୁବନେଶ୍ୱର ସ୍ଥିତ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତ୍ରିପାଠୀଙ୍କୁ ପୁରସ୍କୃତ କରିଛନ୍ତି। ଏହି ଉତ୍ସବରେ ଅତିଥିଭାବେ ପୂର୍ବତନ ପୋଲିସ ଆଇ.ଜି. ଅରୁଣ ବୋଥ୍ରା, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଉପସ୍ଥିତ ଥିଲେ।




ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ସୁରକ୍ଷା ଅଧିକାରୀଙ୍କୁ ପୁରସ୍କୃତ କରାଯାଉଛି।

# ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ରାୟଗଡ଼(ଗଜପତି), ୧।୧୧(ଡି.ଏନ୍.ଏ.)



ସୁରଭି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।

ରାୟଗଡ଼ ବିଡିଓଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ବ୍ଲକ୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଇଓ ମନୋରଞ୍ଜନ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏବିଡିଓ ପିତାମ୍ବର ବେହେରା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକ୍‌ର ୧୫ଟି କ୍ଲଷ୍ଟର୍‌ର ୨୮୦ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ରାୟଗଡ଼ ବ୍ଲକ୍ ଅଧ୍ୟକ୍ଷ ଧନେଶ୍ୱର ଭୂୟାଁ ଯୋଗଦେଇ ସମସ୍ତଙ୍କ ନିକଟରେ କିଛି ପ୍ରତିଭା ରହିଥାଏ ଏବଂ ଏହା ସୁରଭି ମାଧ୍ୟମରେ ପ୍ରଦର୍ଶନ କରାଯାଇଥାଏ ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତାଭାବେ ଏବିଇଓ ଧନେଶ୍ୱର କହଁର, ସମ୍ମାନିତ ଅତିଥିଭାବେ ଏବିଇଓ ଏସ୍. ପାପା ରାଓ, ରାୟଗଡ଼ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଏସ୍. ମଣିମାଳା, ଏଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମାଉଡ଼ି ଯୋଗଦେଇଥିଲେ। ଚଳିତବର୍ଷ ସୁରଭି କାର୍ଯ୍ୟକ୍ରମର ମୁଖ୍ୟ ନାରା ଥିଲା ‘ପରିବେଶ ସୁରକ୍ଷା ଜୀବନ ରକ୍ଷା’। ଏହି ଅବସରରେ ଏସ୍. କରଡ଼ାସିଂ ବିଦ୍ୟାଳୟର ଶିକ୍ଷକ ଉଦୟନାଥ ସାହୁଙ୍କୁ ଉତ୍ତମ ଶିକ୍ଷକଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବଡ଼ଗାଁ ପ୍ରଧାନଶିକ୍ଷକ ପୁରୁଷୋତ୍ତମ ବେହେରାଙ୍କ ଦ୍ୱାରା ଲିଖିତ ପୁସ୍ତକ ‘ପ୍ରଦୀପ’ ଉନ୍ମୋଚିତ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ୍‌ର ସମସ୍ତ ସିଆର୍‌ସିସି ପରଚାଳନା କରିଥିଲେ।

## ଏସ୍‌କେସିଜି କଲେଜରେ ନବାଗତଙ୍କୁ ସ୍ୱାଗତ

ପାରଳାଖେମୁଣ୍ଡି,୧।୧୧ (ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଏସ୍‌କେସିଜି କଲେଜ ହୋଷ୍ଟେଲ୍‌ରେ ଗୁରୁବାର ନବାଗତଙ୍କ ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ପ୍ରଫେସର ତିରୁପତି ମୁର୍ମୁ, ପ୍ରଧ୍ୟାପକ ଏସ୍.ଏସ୍. ସାହୁ, ପ୍ରଫେସର କିରଣବାଳା ଭୂୟାଁ ଯୋଗଦେଇଥିଲେ । ପୁରାତନ ଓ ନୂତନ ଛାତ୍ରଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଏବଂ ହଷ୍ଟେଲ୍‌ର ବିଭିନ୍ନ କାର୍ଯ୍ୟକ୍ରମରେ ସମନ୍ୱୟ ରକ୍ଷା ଜରୁରୀ ବୋଲି ଏଠାରେ ଅତିଥିମାନେ କହିଥିଲେ। ସେହିପରି ବରିଷ୍ଠ ଛାତ୍ରମାନେ ହଷ୍ଟେଲ ଜୀବନର ଅଭିଜ୍ଞତା ନୂତନ ଛାତ୍ରମାନଙ୍କ ସହ ବାଣ୍ଟିଥିଲେ। ଏହି ଅବସରରେ ବରିଷ୍ଠ ଛାତ୍ରମାନେ ନବାଗତ ଛାତ୍ରମାନଙ୍କୁ ବିଭିନ୍ନ ଉପହାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ପ୍ରଫେସର ଏସ୍.ଏ. ହନାନ, ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଭଜମନ ବେହେରା, ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ଡ.ବିଘ୍ନେଶ୍ୱର ମିଶ୍ର, ପରିଚାଳକ ଡ. ଦୁର୍ଗା ପ୍ରସାଦ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ

ପାରଳାଖେମୁଣ୍ଡି,୧।୧୧ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଗଜପତି ଏସ୍‌ପି ସାରା ଶର୍ମା ଯୋଗଦେଇ ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ବିଶ୍ୱ ବିଦ୍ୟାଳୟର କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ରେଜିଷ୍ଟ୍ରାର ଡ. ଅନୀତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଡେପୁଟି ରେଜିଷ୍ଟ୍ରାର ସନ୍ଦିପନ ପାଇନ୍ ଉପସ୍ଥିତ ଥିଲେ। ପରିଚାଳନା କମିଟିର ସମ୍ପାଦକ ରବି ନାରାୟଣ ରାଉତରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ପ୍ରତିଯୋଗିତାରେ ଯାଦବପୁର ବିଶ୍ୱବିଦ୍ୟାଳୟ ପ୍ରଥମ, କଲିକତା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ, ବିହାରର ବି. ଆର୍ ଆମ୍ବେଦକର ବିଶ୍ୱବିଦ୍ୟାଳୟ ତୃତୀୟ ଏବଂ ଦିବ୍ରୁଗଡ଼ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ । କୃତୀ ପ୍ରତିଯୋଗୀମାନେ ତାମିଲନାଡୁ ଠାରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଛାତ୍ରକଲ୍ୟାଣ ବିଭାଗ ଅଧୀକ୍ଷକ ଡ. ସୁମନ୍ତ କୁମାର ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।




ଛତୁଆ ବଣ୍ଟନ କେନ୍ଦ୍ରରେ ଅନୁଶାସନ ସଚିବ ଓ ଅନ୍ୟମାନେ।

# ଛତୁଆ ବଣ୍ଟନ ତଦାରଖ କଲେ ଅନୁଶାସନ ସଚିବ

ଗୁମ୍ମା, ୧।୧୧

ପ୍ରତିମାସ ୧ ତାରିଖରେ ଛତୁଆ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ରାଜ୍ୟ ପୁଷ୍ଟି ବିଭାଗୀୟ ଅନୁଶାସନ ସଚିବ କାଶୀନାଥ ମହାପାତ୍ର ଶୁକ୍ରବାର ଗଜପତି ଜିଲା ଗସ୍ତରେ ଆସି ଗୁମ୍ମା ବ୍ଲକ୍‌ରେ ଛତୁଆ ବଣ୍ଟନ କାର୍ଯ୍ୟର ତଦାରଖ କରିଛନ୍ତି। ଏହି ସମୟରେ ସଚିବ ବ୍ଲକ୍‌ର ଖମି. ସି ଅଙ୍ଗନୱାଡ଼ି କେନ୍ଦ୍ରରେ ଯାଞ୍ଚ କମିଟି, ମାତୃ କମିଟି ଓ ହିତାଧିକାରୀଙ୍କ ସହ ଖାଦ୍ୟ ସାମଗ୍ରୀ ବଣ୍ଟନ ସମ୍ପର୍କରେ ଆଲୋଚନା କରିବା ସହ ପ୍ରକୃତ ହିତାଧିକାରୀଙ୍କୁ ଖାଦ୍ୟ ସାମଗ୍ରୀ ପ୍ରଦାନ ପାଇଁ ସେ ପରାମର୍ଶ ଦେଇଥିଲେ। ଛତୁଆ ବଣ୍ଟନ ସମୟରେ ସଚିବଙ୍କ ସମେତ ସିଡିପିଓ ଅନୀତାରାଣୀ ପଟ୍ଟନାୟକ, ସୁପରଭାଇଜର୍ ରାଜେଶ୍ୱରୀ ପାତ୍ର, ଜିଲା ପରିସଂଖ୍ୟାନ ଦାୟିତ୍ୱରେ ଥିବା ସରଳା ପାତ୍ର, ଏନ୍‌ଓପି ମ୍ୟାନେଜର୍ ଅଜୟ ନାୟକ ଉପସ୍ଥିତ ଥିଲେ।

■ ମୌଳିକ ସୁବିଧାରୁ ବଞ୍ଚିତ ଦୁଇ କଲୋନୀ

# ସମସ୍ୟା ଶୁଣୁନି ପଞ୍ଚାୟତ, ପ୍ରଶାସନ

ପାରଳାଖେମୁଣ୍ଡି,୧।୧୧ (ସ୍ୱ.ପ୍ର)



ଅମରନାଥ କଲୋନୀ ଓ ସତ୍ୟସାଇ ନଗରରକୁ ଯାଇଥିବା ରାସ୍ତାର ଅବସ୍ଥା।

ପାରଳାଖେମୁଣ୍ଡି ପୁରୁଣାପାଟଣାସ୍ଥିତ ଅମରନାଥ କଲୋନୀ ଓ ସତ୍ୟସାଇ ନଗରର ବାସିନ୍ଦାଙ୍କ ଦୀର୍ଘ ଦିନ ହେଲା ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ପକ୍କା ରାସ୍ତା ନିର୍ମାଣ ଓ ଷ୍ଟ୍ରିଟ ଲାଇଟ୍ ଲଗାଇବା ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି ଦାବି କରି ନିରାଶ ହୋଇଛନ୍ତି। ମାତ୍ର ସମସ୍ୟାର ସମାଧାନ ହୋଇପାରିନାହିଁ। ଅଞ୍ଚଳକୁ ଯିବା ପାଇଁ ରହିଥିବା ରାସ୍ତା ଅତ୍ୟନ୍ତ ଖରାପ୍ ହୋଇଥିବାବେଳେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ସେହିପରି ଷ୍ଟ୍ରିଟ୍‌ଲାଇଟ୍ ନ ଥିବାରୁ ସନ୍ଧ୍ୟା ପରେ କୌଣସି କାମରେ ଏବଂ ପିଲାମାନେ ଟ୍ୟୁଇଶନ ଯିବା ଆସିବା କରିବାକୁ ଭୟ କରୁଛନ୍ତି। ପୁଣି ବର୍ଷା ହେଲେ ଅଞ୍ଚଳବାସୀଙ୍କ ଦୁଃଖ କହିଲେ ନ ସରେ।

ଉଲ୍ଲେଖଯୋଗ୍ୟ, ଏହି ଅଞ୍ଚଳ ପାରଳାଖେମୁଣ୍ଡି ସହର ପାର୍ଶ୍ୱବର୍ତ୍ତୀ ଏହି ଅଞ୍ଚଳ ଗୋଷାଣୀ ବ୍ଲକ୍ ଅନ୍ତର୍ଗତ କେରାଣ୍ଡି ପଞ୍ଚାୟତ ଅଧୀନରେ ରହିଛି। ଫଳରେ ଅଞ୍ଚଳବାସୀ ସମସ୍ୟା ନେଇ ପୌର ନିର୍ବାହୀ ଅଧିକାରୀ, କେରାଣ୍ଡି ସରପଞ୍ଚ ଏବଂ ଗୋଷାଣୀ ବିଡିଓଙ୍କୁ ଜଣାଇବା ସହ ସମାଧାନ ପାଇଁ ନିବେଦନ କରିଛନ୍ତି। ଏପରିକି ୨୦ ଦିନ ତଳେ ଜିଲାପାଳଙ୍କୁ ମଧ ଲିଖିତଭାବେ ଜଣାଇଛନ୍ତି। ହେଲେ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଜିଲା ପ୍ରଶାସନ, ପୌରପାଳିକା ଏବଂ ପଞ୍ଚାୟତ ପ୍ରଶାସନ କେହି ମଧ ଏଥିପ୍ରତି ଦୃଷ୍ଟି ଦେଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଦିନକୁ ଦିନ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ଯଥାଶୀଘ୍ର ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦେବାନନ୍ଦ ମହାପାତ୍ର, ଦିବାକର ପାଣିଗ୍ରାହୀ, ଏମ୍. ସୁରେଶ, ବି. ଦଣ୍ଡପାଣି ପାତ୍ର, ଲାଲ ମୋହନ ଆଚାରୀ, ଉପସନା ରୋଜାରାଣୀ ଦାବି କରିଛନ୍ତି।